ଆମରିସତ୍ୟ

# କବିତା ବିଶେଷ

୨୦୧୭



ଆମରିସତ୍ୟ
AMARISATYA

ଆମରିସତ୍ୟ

# କବିତା ବିଶେଷ, ୨୦୧୭


**ସଂପାଦନା**

ଡ. ପ୍ରମୋଦ ଚନ୍ଦ୍ର ଦାଶ

**ସହଯୋଗୀ ସଂପାଦନା**

ସମରଜିତ୍ ପଟ୍ଟନାୟକ

ନିଶିକାନ୍ତ କହଲସିଂହ

ତ୍ରିଲୋଚନ ଦାସ



**ପ୍ରକାଶକ**

ଆମରିସତ୍ୟ
AMARISATYA

# ଆମରିସତ୍ୟ କବିତା ବିଶେଷ, ୨୦୧୭

**ସର୍ବସ୍ୱ ଅଧିକାରୀ ଦ୍ୱାରା ସଂରକ୍ଷିତ**

**ପ୍ରଥମ ସଂସ୍କରଣ : ୨୦ ଅଗଷ୍ଟ, ୨୦୧୭**

**ପ୍ରକାଶକ:** ଆମରିସତ୍ୟ, ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପ୍ରାଣନାଥ କଲେଜ, ଜିଲା: ଖୋରଧା, ପିନ୍: ୭୫୨୦୫୭

**ମୁଦ୍ରଣ:** ପ୍ରତିଭା ପ୍ରଣ୍ଟର୍ସ, ୟୁନିଟ୍-୯, ଭୁବନେଶ୍ୱର

**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ରଥ

**ମୋବାଇଲ୍ :** ୦୬୭୫୫-୨୨୦୯୮୦

ମୂଲ୍ୟ : **୮୦ ଟଂକା**

**AMARISATYA KABITA BESESA, 2017**

*Amarisatya*

** Copyrights reserved by amarisatya*

***1st Edition** : 20 Aug. 2017*

**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980

**Printed at**:
PRATIVA PRINTERS
Unit -9, Bhubaneswar

**Cover Design & Formating** : Rajib Rath

Price: ₹ 80.00

# ସୂଚୀପତ୍ର


| | | |
|---|---|---|
| ମାଆ | ଡଃ ଶରଚ୍ଚନ୍ଦ୍ର ମହାପାତ୍ର | ୮ |
| ଛଳନା | ବନମାଳୀ ବେହେରା | ୯ |
| ଜୀବନପଥେ | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୧୦ |
| ପ୍ରତିଶ୍ରୁତି | ସିଦ୍ଧେଶ୍ୱର ତ୍ରିପାଠୀ | ୧୧ |
| ତୁମ ବିନା | ସତ୍ୟ ଶିବ ସୁନ୍ଦର ସାହୁ | ୧୧ |
| ସାବରମତୀର ସନ୍ଥ | କରୁଣାକର ସାହୁ | ୧୨ |
| ସତର୍କ ଘଣ୍ଟି | ଦୁର୍ଯ୍ୟୋଧନ ସାମନ୍ତରାୟ | ୧୩ |
| ଧରଣୀ ମା କୁ ହୋଇଛି ଜର | ଶ୍ୟାମ ମହାପାତ୍ର | ୧୪ |
| ଚାରୋଟି ଏକପଦୀ | ନିଶିକାନ୍ତ କହଲସିଂହ | ୧୪ |
| ଭବ ସାଗରକୁ ନାବ | ଗୋବିନ୍ଦ ଚନ୍ଦ୍ର ମହାରଣା | ୧୫ |
| ସ୍ୱର୍ଗ ବି ମିଳିବ ଏଇଠି | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୬ |
| ଯୁଦ୍ଧ ଓ ଶାନ୍ତି | ଅଖିଳାନନ୍ଦ ବେବର୍ତ୍ତା | ୧୭ |
| ବର୍ଷା ଗୋ ତୁମେ | ପ୍ରକାଶ ଚନ୍ଦ୍ର ମାଝୀ | ୧୯ |
| ନାରୀ ସିଏ!! | କବିତା ପଟ୍ଟନାୟକ | ୨୦ |
| ତାଙ୍କଠାରେ ମନଥାଉ | ଡ଼ଃ. ପୂର୍ଣ୍ଣଚନ୍ଦ୍ର ଓଝା | ୨୧ |
| ଶ୍ରମିକ ଭାଇ | ଶ୍ରୀମତୀ ରେଣୁକା ରଥ | ୨୨ |
| ବନ୍ଧୁତା | ଆରତୀ ପ୍ରହରାଜ | ୨୨ |
| ପିଅନି ବିଷ | ନିରଞ୍ଜନ ପଟ୍ଟନାୟକ | ୨୩ |
| ସକାଳ ହେଲାଣି କି ? | ସଂତୋଷ କୁମାର ରଥ | ୨୪ |
| ତିନୋଟି ଗଛ କବିତା | ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ | ୨୫ |
| ଚିଲିକା-ପଥେ | ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ | ୨୬ |
| ସଫଳ ସାଧନା କରେ କାମନା | ପ୍ରାଣବନ୍ଧୁ ନାୟକ | ୨୮ |
| ଲୋ ସଜନି! ସଫାକର ମନ ତୁଠ | ବାବାଜୀ ଚରଣ ଜେନା | ୨୯ |
| ଏକପଦୀ | ଚମକ ଚାନ୍ଦିନୀ ଦାଶ | ୩୦ |
| କଲମ | ତ୍ରିଲୋଚନ ଦାସ | ୩୦ |
| ସମ୍ଭାଷଣ | ସୁଲେଖା ସାମନ୍ତରାୟ | ୩୧ |
| ଆଗକୁ ଥରେ ନା ଥରେ | ଅଜୟ କୁମାର ବଳିଆରସିଂହ | ୩୨ |

| | | |
|---|---|---|
| ଆସ ପଢ଼ିବା | ବିଭୁପ୍ରସାଦ ହରିଚନ୍ଦନ | ୩୩ |
| ଧରମ ଆଖିରୁ ଲୁହଯାଏ ବହି | ଶାନ୍ତନୁ କୁମାର ଷଡ଼ଙ୍ଗୀ | ୩୪ |
| ସଞ୍ଜ ଆସିବ ନଇଁ | ସୁରଞ୍ଜନ ପାତ୍ର | ୩୫ |
| ନିବେଦନ | ଉଷାରାଣୀ ଶତପଥୀ | ୩୫ |
| ପଞ୍ଚ ମହାଯଜ୍ଞ | ବାନପ୍ରସ୍ଥି ବଙ୍ଗାଳିଚରଣ ପତି | ୩୬ |
| ସମ୍ପର୍କ | ସଚ୍ଚି ମହାନ୍ତି | ୩୭ |
| ରୁଧିର | ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ | ୩୮ |
| ଫେରି ଆସିବାର ବେଳ | ରାଜେଶ କୁମାର ମୁଣ୍ଡ | ୩୮ |
| ଏକା ଏକା ଜୀବନ | ଖଗେଶ୍ୱର ମହତାବ | ୩୯ |
| ସମର୍ପଣ | ଜିତେନ୍ଦ୍ର କୁମାର ନାୟକ | ୪୦ |
| ବଦଳି ଗଲା ମାନଚିତ୍ର | ଶରତ ଚନ୍ଦ୍ର ମହାପାତ୍ର | ୪୧ |
| ବୋଉ | ଜବାହାରଲାଲ ସୁବୁଦ୍ଧି | ୪୧ |
| ବରଷା ରାଣୀ | ରବୀନ୍ଦ୍ର ଖଣ୍ଡୁଆଳ | ୪୨ |
| ମାନବିକ ମହାଜ୍ଞାନ | ଆଦି ନାରାୟଣ ଖଣ୍ଡୁଆଳ | ୪୩ |
| ବଂଶୀ ଯେ ଅନୁରାଗୀ.... | ଶ୍ରୀବନ୍ତ ପ୍ରସାଦ ପାଣି | ୪୪ |
| ନିଶ୍ୱାସର ବିଶ୍ୱାସରେ | ବିପିନ ବିହାରୀ ମହାନ୍ତି | ୪୫ |
| କବିତାପାଇଁ କବିତାଟିଏ ! | ସତ୍ୟନାରାୟଣ ସାମନ୍ତରାୟ | ୪୬ |
| ବରଷା | ଡକ୍ଟର ପ୍ରେମ ଚନ୍ଦ ମହାନ୍ତି | ୪୮ |
| ସକାଲ୍ ଆଏବା | ଆନଂଦ ଚଂଦ୍ର ସାହୁ | ୪୯ |
| ଉଠିବ ହସି ଧରା | ଡକ୍ଟର ବସନ୍ତ କିଶୋର ସାହୁ | ୫୦ |
| ପାଏନ୍ | ଚତୁର୍ଭୁଜ ସାଆନ୍ତ | ୫୧ |
| ଜଙ୍ଗଲ ରାଜ୍ | ରବୀନ୍ଦ୍ରନାଥ ଶତପଥୀ | ୫୨ |
| ଗତିରୋଧ | ଜୟଶ୍ରୀ ପଟ୍ଟନାୟକ | ୫୩ |
| ଭାଙ୍ଗିଦେବା ତାର ଅଣ୍ଟା | ବୀରେନ୍ କୁମାର ବେହେରା | ୫୪ |
| ପ୍ରକୃତି ରାଣୀର ବାର୍ତ୍ତା | ବେଲେଶ୍ୱର ଝୁଝାରସିଂହ | ୫୪ |
| ସୁନା ପିଲା | ହାଡ଼ିବନ୍ଧୁ ପଣ୍ଡା | ୫୫ |
| ଚଳନ୍ତି ଠାକୁର | ସତ୍ୟାନନ୍ଦ ବେହେରା | ୫୬ |
| ବାପା | ଡ. ଶରତ କୁମାର ଦୋରା | ୫୭ |
| ଆଜିର ଉତ୍ତର ଦାୟାଦ | ପ୍ରହଲ୍ଲାଦ ବାରିକ | ୫୮ |
| ସମୟ | ରୀତା ପାଢୀ | ୫୮ |

| | | |
|---|---|---|
| ମାଙ୍କଡ଼ | ଅକ୍ଷୟ ମହାନ୍ତି | ୬୧ |
| ବୁଢ଼ା ବାପା | ବାସନ୍ତି ପଟ୍ଟନାୟକ | ୬୨ |
| ରାତି ଶୋଇଗଲାପରେ | ଜ୍ଞାନରଞ୍ଜନ ଦାଶ | ୬୩ |
| ବୋଉ | ରମେଶ ଚନ୍ଦ୍ର ମଙ୍ଗରାଜ | ୬୪ |
| ଆଖି ସେ ଅଯୂତ ଜନ୍ମର | ଇଂ ସସ୍ମିତା ବେହେରା | ୬୪ |
| କୁନିଝିଅ | ମାନସୀ ସାହୁ | ୬୫ |
| କେଉଁ ଦେବତାଙ୍କୁ ପୂଜିବି | ସୁବୋଧ କୁମାର ଜଗଦେବ | ୬୬ |
| ପିସି ମହାତ୍ମ | ଯମେଶ୍ୱର କହଲସିଂହ | ୬୭ |
| ସ୍ୱପ୍ନର ପ୍ରତିଛବି | ନାରାୟଣ ଦାସ | ୬୮ |
| ନାଟକ | ଡା ଧନେଶ୍ୱର ସାହୁ | ୬୮ |
| ଶାଶ୍ୱତ | ସୌଦାମିନୀ ମହାରଣା | ୬୯ |
| ଧରମା କଥା | ବାସନ୍ତୀ ଦାସ | ୭୦ |
| ରକ୍ତ | ପ୍ରମୋଦ ପ୍ରଧାନ | ୭୧ |
| ଭାରତୀୟ | ଶିଶିର କୁମାର ଜେନା | ୭୧ |
| ମୋ ଦେଶ | ଦଲ୍ଲୀପ କୁମାର ତ୍ରିପାଠୀ | ୭୨ |
| ସୁନାର କଦମ୍ବ-ଏକ ସମ୍ଭାବନା | ଡ. ନିରଂଜନ ମହାନ୍ତି | ୭୩ |
| ଆମେ ଯେତେ ଟିକି ଟିକି .. | ପ୍ରେମଶିଳା ରାଉତରାୟ | ୭୪ |
| ବାପା | ଅଶୋକ ରାୟସିଂହ | ୭୫ |
| କଇଁ | ରାଜ କିଶୋର କେଇ | ୭୬ |
| ହେ, ଗୁରୁଶ୍ରେଷ୍ଠ | ସୁମତୀ ଦେଇ | ୭୭ |
| ନୂଆଁ'ଉ | ଡ.ସୋମନାଥ ବିଷୋଇ | ୭୭ |
| କାରଗିଲରେ ବର୍ଷା | ମଞ୍ଜୁ ଦାସ | ୭୮ |
| ନାରୀ ଶକ୍ତି | ସୁରେଶଚନ୍ଦ୍ର ରଥ | ୭୯ |
| ଜେଜେ | ମଞ୍ଜୁବାଳା ଦାଶ | ୭୯ |
| ଶେଷ ଇଚ୍ଛା | ସମରଜିତ୍ ପଟ୍ଟନାୟକ | ୮୦ |

ଯେଉଁମାନେ
କବିତା ଲେଖିବାକୁ ଓ ପଢ଼ିବାକୁ
ବେଶୀ ଭଲ ପାଆନ୍ତି
ସେହି ମାନଙ୍କ ହାତରେ
ଏ ବହିଟିକୁ ବଢ଼େଇ ଦେଉଛୁ ।

**ସଂପାଦକ**

# ସଂପାଦକୀୟ କଲମରୁ...

ବ୍ୟକ୍ତିଚିତ୍ତର ରସମୟ ଅଭିବ୍ୟକ୍ତି ହେଉଛି- କବିତା। ଜୀବନର ଅନୁଶୀଳନରୁ ଯେଉଁ ବିବିଧ ଅଭିଜ୍ଞାନର ଅଭ୍ୟୁଦୟ ହୁଏ ତାହାକୁ ସ୍ରଷ୍ଟା ସମାଜ ଆଗରେ କବିତା, ଗଳ୍ପ ବା ଉପନ୍ୟାସ ରୂପେ ଉପସ୍ଥାପିତ କରିଥାଏ। ଏହା ହେଉଛି କବି ହୃଦୟ ଆବେଗର ଉନ୍ମୋଚକ। ଯେଉଁ କବିର ଅନୁଭୂତି ଓ ଜୀବନ ମୂଲ୍ୟ ବୋଧର ଆବେଗ ଯେତେ ଅଧିକ ତାର କବିତା ସେତେ ଜୀବନ୍ତ ଓ ହୃଦୟଗ୍ରାହୀ ହୋଇଥାଏ। କବିମାନେ ବ୍ୟକ୍ତି ବିଶେଷ ହୋଇଥିଲେ ମଧ୍ୟ କ୍ରମଶଃ ଜାତୀୟ ସଂପଦରେ ପରିଣତ ହୋଇ କାଳଜୟୀ ଓ ଚିର ସ୍ମରଣୀୟ ହୋଇ ରହିଯାଆନ୍ତି। ଯେତେବେଳେ କବି ଅଲୌକିକ ଶକ୍ତି ପ୍ରେରଣାରେ ଭାବ ବିହ୍ୱଳ ହୋଇ ପଡେ ସେତେବେଳେ ତାର ବାହ୍ୟ ଜ୍ଞାନ ଲୋପ ହୋଇଯାଏ-ପ୍ରସ୍ଫୁଟିତ ହୁଏ ସଫଳ କବିତା ରେ ଗ୍ରୀଷ୍ମ, ବର୍ଷା, ଶୀତ, ଶରତ, ନଦୀ, ଚଢେଇ ବସନ୍ତ ପ୍ରଭୃତି ଅନେକ ପ୍ରାକୃତିକ ବସ୍ତୁ ବା ଅବସ୍ଥା କବି ମନରେ ଅଦ୍ଭୁତ ପ୍ରେରଣା ଯୋଗାଇ ଥାଆନ୍ତି- ଯାହା କବିର କବିତାରେ ଅତି ସତ୍ୟ ଓ ଅତି ମନୋରମ ଭାବରେ ପ୍ରତିଫଳିତ ହୋଇଥାଏ। ଯେଉଁ କବି ଏହି ସତ୍ୟକୁ ଯେତେ ମନୋରମ ଭାବରେ ପରି ପ୍ରକାଶ କରନ୍ତି ତାଙ୍କର କବିତା ସେତେ କାଳଜୟୀ ହୋଇଥାଏ।

ଖୁବ୍ କମ ଲୋକ କବିତା ପଢନ୍ତି-ତେଣୁ ଯେତିକି ଲୋକ ଏହି କବିତାକୁ ପଢିବେ ନିଶ୍ଚୟ ଆନନ୍ଦିତ ହେବେ ଏଥିରେ ସନ୍ଦେହ ନାହିଁ।

ତଥାପି ଆପଣଙ୍କ ମତାମତ ଅପେକ୍ଷା ରେ...

**ଡ ପ୍ରମୋଦ ଚନ୍ଦ୍ର ଦାଶ**

# ମାଆ

ଡ. ଶରଚ୍ଚନ୍ଦ୍ର ମହାପାତ୍ର

ପିନ୍ଧିଥାଉ ପଛେ ଛିନ୍ନ ଶାଢ଼ି
　　ଦେହରେ ତା ନଥାଉ ଗହଣା
ମାଆ ମୋର ସବୁଠୁ ନିଜର
　　ଜଗତରେ ନାହିଁ ତା ତୁଳନା ।
ଶାକ ଅନ୍ନ ତା ହାତ ପରଶେ
　　ଲାଗେ ମୋତେ ଅମୃତର ଭଳି
ଦିବ୍ୟ ଅନ୍ନ ସୁବର୍ଣ୍ଣ ଥାଳିରେ
　　ପରଶିଲେ ହେବକି ତା ପରି
ରୋଗରେ ମୁଁ ପଡ଼ିଥାଏ ଯେବେ
　　ରାତି ରାତି ରହେ ଉଜାଗର
ଚାହୁଁ ଥାଏ ବ୍ୟାକୁଳ ନୟନେ
　　ଚକ୍ଷୁରୁ ତା ବହୁଥାଏ ନୀର
ପାଶରୁ ତା ହୋଇଲେ ଅନ୍ତର
　　ଚାହିଁଥାଏ ଫେରିବା ବାଟକୁ
ଏତେ ସ୍ନେହ କିଏ ଦେବ ମୋତେ
　　କେ ବୁଝିବ ତାହାର ମନକୁ ।
ମାଆର ଗାଳି ଅଟଇ
　　ଜଗତରେ ସବୁଠୁ କୋମଳ
ମାଆର ସେ ସ୍ନେହବୋଳା କଥା
　　ସବୁଠାରୁ ଲାଗଇ ମଧୁର
ଖେଳୁଥାଏ ସାଙ୍ଗସାଥୀ ମେଳେ
　　ଭୋକ ହେଲେ ଆସେ ତା ପାଶକୁ
ସ୍ନେହଭରେ ଖୁଆଏ ସେ ମୋତେ
　　କେ ବୁଝିବ ମୋହର ମନକୁ ।

ନ ଖାଇଲା ଯାଏ ପୁଅ ତାର
　　ପେଟକୁ ତା ନ ଯାଅଇ ଅନ୍ନ
ମନ ତାର ରହିଥାଏ ସେଠି
　　ଯେଉଁଠାରେ ଥାଏ ତା ସନ୍ତାନ
ନବନୀତ ପରି ସେ କୋମଳ
　　ପ୍ରେମର ସେ ଅକ୍ଷୟ ଭଣ୍ଡାର
ଝରିଯାଏ ହୃଦୟରୁ ତାର
　　ମମତାର ସୁମଧୁର ଧାର
ଗରୀୟସୀ ସ୍ୱର୍ଗଠାରୁ ମାଆ
　　ସହିବାରେ ଧରଣୀର ପରି
ସୃଷ୍ଟିରେ ସେ ଅଟେ ଅନୁପମ
　　ଜଗତରେ କେ ଅଛି ତା ସରି
ସଂସାରରେ ଅଛନ୍ତି କୁପୁତ୍ର
　　କୁମାତା କେ ନାହିଁ ଏ ଜଗତେ
ଯେତେ ପଛେ ଲଭୁ ଅନାଦର
　　ରହିଥାଏ ସନ୍ତାନର ହିତେ ।
କେତେ କଷ୍ଟ ସହିଥିଲେ ପୃଥା
　　ବୁଲୁଥିଲେ ଅରଣ୍ୟ ଭିତର
ପକ୍ଷୀର ଶାବକ ଭଳି ସନ୍ତାନଙ୍କୁ
　　ଜଗିଥିଲେ ରହି ଉଜାଗର ।
ମାଆ ଭଳି କେ ଅଛି ଜଗତେ
　　ତା ଚରଣେ କରଇ ବନ୍ଦନା
ମାତୃସେବା ଜୀବନର ବ୍ରତ
　　ପୂର୍ଣ୍ଣକର ପ୍ରଭୁ ମୋ କାମନା ।

❖❖❖

ମଙ୍ଗଳାନଗର, ଖୋର୍ଦ୍ଧା
ଦୂରଭାଷ : ୮୭୬୩୫୩୩୭୧୧

# ଛଳନା

**ବନମାଳୀ ବେହେରା**

ହସରେ ହସରେ କଥା ହେଉଥାଏ
ଅନ୍ତର ଭିତରେ ରାଗ,
ବାଗ ଉଣ୍ଡି ସେହି ରାଗ ଶୁଝିଦିଏ
କଳିଜା ଭିତରେ ଦାଗ ।୧।

ମାୟାବୀ ସଂସାର ଅସତ୍ ମାନବ
ମୁଖରେ ମଧୁର ଭାଷା,
ବିଶ୍ୱାସ କରିଲେ ଭେଳା ବୁଡ଼ିଯିବ
ବଂଚିବାର କ୍ଷୀଣ ଆଶା ।୨।

ବିଚିତ୍ର ଦୁନିଆ ସ୍ୱାର୍ଥର ସାରଥୀ
ଘୋଡ଼ା ମୁହଁରେ ତୋବଡ଼ା,
ଚାବୁକ ମାରିଲେ କିସ ହେବ ଭାଇ
ରାସ୍ତା ତ ଆବଡ଼ା ଖାବଡ଼ା ।୩।

ଦେଶପ୍ରାଣ ନୀତି ଦେଖିଲାଗେ ଭୀତି
ମୁହଁରେ ମଧୁର କଥା,
ଶାସନ ଗାଦିକୁ ଥରେ ଚାଲିଗଲେ
ଘିଅ, ମହୁ ଭାସେ ଯଥା ।୪।

ଭୋଅଟ ବେଳରେ ଦ୍ୱାରଦ୍ୱାର ବୁଲି
ମାଗନ୍ତି ଭୋଅଟ ଖଣ୍ଡେ,
ଜିତିଗଲେ ଭାଇ ରାଜା ହୋଇଯାନ୍ତି
ଦେଖା ନ ମିଳଇ ଦଣ୍ଡେ ।୫।

ବଡ଼ବଡ଼ିଆଙ୍କ ରାଜନୀତି ଭାଇ
ନ ପୂରା ଏଥିରେ ମୁଣ୍ଡ,
ଗର୍ବ, ଅହଙ୍କାର ପଦବୀ ବାହାନ
ସମାଜରେ ବଡ ଷଣ୍ଢ ।୬।

ଏମାନଙ୍କ କାର୍ଯ୍ୟ ଥରଟେ ପରଖି
ଦେଖ ସମସ୍ତଙ୍କ କାଣ୍ଡ,
ସବୁ ଖାଇଯିବେ ଦେଶକୁ ଉଜାଡ଼ି
ଶୂନ୍ୟ କରିଦେବେ ଭାଣ୍ଡ ।୭।

❖❖❖

**ଭଗବତୀ ସ'ମିଲ ଲେନ୍,**
**ଜଟଣୀ, ଖୋର୍ଦ୍ଧା**
**ମୋ- ୯୪୩୭୭୬୨୧୫୦**

# ଜୀବନ ପଥେ

**ସ୍ୱପ୍ନାରାଣୀ ପାଣିଗ୍ରାହୀ**

ସୁଖରେ ଦୁଃଖରେ ଗଢ଼ା ଏ ଜୀବନ
ଜନମରୁ ଜୁଇ ଯାଏଁ
ଅନ୍ଧାର ଆଲୁଅ ଛାଇ ଖେଳପରି
ଏକ ପଛ ଆନ ଥାଏ।।

ଜୀବନପଥରେ ପଥିକ ତ ଆମେ
ସୁଖଖୋଜୁ ଏଣେତେଣେ
ଦୁଃଖ ନଥିଲେ କି ସୁଖ ପରିଚୟ
ପାଇବା ଆମେ ଜୀବନେ।।

ଅନ୍ଧାର ରାତିଟା ନଥିଲେ କି ସତେ
ତାରା ଉଜ୍ଜ୍ୱଳ ଦିଶନ୍ତା
ନିଆଁର ଭିତରେ ନ ଜଳିଲେ ସୁନା।
ରୂପକି ଝଟକୁଥା'ନ୍ତା।।

ନିଜ ପରିଚୟ ହଜାଏ ନଦୀଟି
ସାଗରେ ମିଶିବା ପାଇଁ
ଫୁଲେଥାଏ କଣ୍ଟା ଶତ୍ରୁପଣେ ନୁହେଁ
ଥାଏ ସେ ରକ୍ଷକ ହୋଇ।।

ଦୁଃଖ ନୁହେଁ ସିଏ ସୁଖ ପୃଷ୍ଠଭୂମି
ସୁଖର ଉଦୟ ପାଇଁ
ଜୀଇଁବାର କଳା କୌଶଳ ଶିଖାଏ
ଧୈର୍ଯ୍ୟ, ଶକତି ଠୁଳାଇ।।

ସୁଖ ଯାହା ଆମ ମନ ଖୋଜୁଥାଏ
ସେତ ଇନ୍ଦ୍ରିୟ ଲାଳସା
ଦୁଃଖର ନିବୃତ୍ତି ହୁଏନାହିଁ କେବେ
ମନରେ କଲେ ସେ ବସା।।

ଶରୀର ରଥରେ ଆତ୍ମା ଆରୋହୀ ଯେ
ବୁଦ୍ଧି ସାରଥୀ ସାଜିଲେ
ମନ ଲଗାମଟି ନିୟନ୍ତ୍ରଣ ହେଲେ
ରଥଟି ଚାଲଇ ଭଲେ।।

ବିଭୁ ପାଦପଦ୍ମେ ଥିଲେ ସଦା ମନ
ସିଏ ପରା ଦେବେ ଅଭୟ ଶରଣ
ସବୁ ସୁଖଶାନ୍ତି ଆନନ୍ଦ ଲଭିବା
ମର୍ତ୍ତ୍ୟେ ଥିବା ଯେତେଦିନ।।

❖❖❖

**ପୋଡାସାହି, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା**
**ଦୂରଭାଷ- ୯୪୩୮୫୦୬୩୯୮**

# ତୁମ ବିନା

**ସତ୍ୟ ଶିବ ସୁନ୍ଦର ସାହୁ**

କାଲି ଥିଲ ପାଖରେ
ଆଜି ଅଛ ଦୂରେ
ତୁମ ପାଇଁ ଆଜି ମୁଁ ଝୁରି ମରେ ।

ଜାଣେନା ତୁମବିନା କେମିତି ବଞ୍ଚିବି,
ଜାଣେନା ତୁମ ସ୍ମୃତି କେମିତି ସାଇତିବି ।
ଏକା ଏକା ଅଧା ବାଟେ କେମିତି ଚାଲିବି,
ଜାଣେନା ତୁମକୁ ମୁଁ ଆଜି କେଉଁଠି ଖୋଜିବି ।

ଡ଼ର ଲାଗେ ଭାରି ଡ଼ର ଲାଗେ କାହିଁ,
କାଳେ ତୁମ ସ୍ମୃତି ହଜିଯିବ ବୋଲି ।
ସମୟ ସରିଯିବ ବୋଲି,
ସ୍ୱପ୍ନ କାଳେ ଭାଙ୍ଗିଯିବ ବୋଲି ।

ତୁମ ସହ ମିଶି ଗଢ଼ି ଥିଲି ବାଲିଘର,
ତୁମ ସହ ବସି ଦେଖିଥିଲି ସ୍ୱପ୍ନ ମୋର ।
ତୁମ ବିନା ମୁଁ କେମିତି ରଖିବି ସାଇତି,
ସେ ବାଲିଘର ଆଉ ସ୍ୱପ୍ନ ମୋର ।

କାଳେ ଭାଙ୍ଗିଯିବ ବାଲିଘର,
ଅଧା ରହିଯିବ ସ୍ୱପ୍ନ ମୋର ।
ତେଣୁ ମୁଁ ଖୋଜୁଛି ତୁମକୁ,
ଫେରିଆସ ଆଜି ମୋ ପାଖକୁ ।
ପୁଣି ଆମେ ଗଢ଼ିଦେବା,
ଆମର ସେ ସ୍ୱପ୍ନର ବାଲିଘର ।

❖❖❖

**ଘସିପୁରା, କେନ୍ଦୁଝର**

# ପ୍ରତିଶ୍ରୁତି

**ସିଦ୍ଧେଶ୍ୱର ତ୍ରିପାଠୀ**

ପ୍ରତିଶ୍ରୁତି ଆଜି ପ୍ରତାରଣା ସାଜେ
ଅତୀତର ମୂଲ୍ୟ ରହେନି,
ସୁଖ ସପନଟା ମରିଚୀକା ଜାଣି
ଏ ମନଟା ସହିପାରେନି ।
ପ୍ରେମ ପ୍ରୀତି ସବୁ ଛଳନା ପାଲଟେ
ଖୁସି ସବୁଯାଏ ଉଭେଇ,
ଆସିବନି ଆଉ ସୁଖର ସେ ଦିନ
ଯାହାକୁ ରହିଥିଲି ଚାହିଁ ।
ସଂସାର ହାଟରେ ସଉଦା ସରିନି
ସବୁକିଛି ଦେଲି ହଜେଇ,
କେମିତି ବଞ୍ଚିବି ଆଉ ବାକି ଦିନ
ଦେଏରେ ସମୟ ବୁଝେଇ ।
କଥା ପଦକର ନାହିଁ କିଛି ମୂଲ
ବଦଳିଯାଏ ସେ କାଲିକି,
ଯେଉଁ ସୁଖ ପାଇଁ ଥାଆନ୍ତି ସଭିଏଁ
ବାକି ସବୁକଥା ଚୁଲିକି ।

❖❖❖

**କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା**
**ଦୂରଭାଷ : ୮୦୧୮୬୪୬୭୦୪**

# ସାବରମତୀର ସନ୍ଥ

**କରୁଣାକର ସାହୁ**

(୧)
କିଏ ସେ କହିଲା
ଝଡ଼ିଗଲା ପରା
ଫୁଲଟିଏ,
କିଏ ସେ କହିଲା
ଲିଭିଗଲା ପରା
ତାରାଟିଏ।

(୨)
ଫୁଲଟିଏ ସେତ
ଫୁଟି ହସୁଥିଲା ଉପବନେ,
ପୁଲକ ଜଗାଇ
ସୌରଭଦାନେ
କୋଟି ପ୍ରାଣେ।

(୩)
କେତେ ଯେ ଝଡ଼
ଝଞ୍ଜା ଆସିଛି
ସହିଚି ସେ,
କେତେ ଯେ ବର୍ଷା
ଅଦିନ ବତାସୀ
ଖାଇଛି ସେ।

(୪)
ତଥାପି ତ କେବେ
ଝଡ଼ିନାଇଁ ସେ'ତ
ଝଡ଼ି ନାଇଁ।
ଆତତାୟୀର ସେ
ହିଂସା ସାୟକେ
ମରି ନାଇଁ।

(୫)
ଚାଲିଯାଇଛି ସେ
ବାସ ମହକାଇ
ଆମ ଆଗେ,
ଆମରି ପ୍ରାଣରେ
ସୌରଭ ତାର
ଆଜି ଜାଗେ

(୬)
ପରାଧୀନତାର
ଘନ ଅଂଧାର
ଜାଣିଥିଲା,
ଲୁଚି ଲୁଚି ଆସି
ଆଲୋକ ଜାଳି ସେ
ଚାଲିଗଲା।

(୭)
ସାବରମତୀର
ସନ୍ଥ ସେଇତ
ଆସିଥିଲା,
ହାତରୁ ଆମର
ବେଡ଼ି କାଢ଼ିନେଇ
ଚାଲିଗଲା।

❖❖❖

**ଗାନ୍ଧୀ ନଗର**
**ଜଟଣୀ**

# ସତର୍କ ଘଣ୍ଟି

**ଦୁର୍ଯ୍ୟୋଧନ ସାମନ୍ତରାୟ**

ନାଆଁଟି ତା'ର ନଟିଆ,
ବାପ ନାଆଁ ତା'ର ହଟିଆ,
ଚୁଟିଟି ମୁଣ୍ଡରେ ଦୋହଲୁ -
ଥିବାରୁ ସଭିଏଁ ଡ଼ାକନ୍ତି ଚୁଟିଆ ।।୧।।
ବଡ଼ କପଟିଆ ନଟିଆ,
କାଖରେ ଝୁଲେ ତା' ବଟୁଆ,
ବଟୁଆ ଭିତରେ ପାନ, ଗୁଆ,
ଗୁଣ୍ଡି ଖିଲକାତିଟିଏ ଛୋଟିଆ ।।୨।।
ନଟିଆ ଅନ୍ତଲ ପେଟିଆ,
ପଇସା ଦେବାରେ ଗଣ୍ଠିଆ,
କେତେକ ଅନ୍ତଲ ପେଟିଆ ଭାଇ,
ସତରେ ଅଟନ୍ତି କପଟିଆ ।।୩।।
ମୁହଁଟା ତା'ର ଇସ୍‌ପାତିଆ,
ଘର ଭାଙ୍ଗିବାରେ ନାଟୁଆ,
ନାକ ବୁଡ଼େଇକି ଖାଇଯାଏ ସବୁ
ଭାବେ ମୁହିଁ ଏକା ବୁଦ୍ଧିଆ ।।୪।।
ଖୋଳକରେ ଗାଁ କୋଠଧନ,
ଗଛ, ମାଛ, ଖଣିଖାଦାନ,
ଜନତାଙ୍କ ଧନ ନିଜ ଧନ ଭାବି
ଖୁସିରେ କରଇ ଭୋଜନ ।।୫।।
ରାତି ଅଧିଆ ତା' କାରବାର,
ଜାଣିବାକୁ ନାହିଁ ପିଉକାର,
କିମିତି ସେ ଧନ ବାଣ୍ଟ କୁଣ୍ଟ ହୁଏ
ନ ପା'ନ୍ତି କେହି ଟେର ତା'ର ।।୬।।
ଚଣ୍ଡୀ ଚାମୁଣ୍ଡା ଏକଜୁଟ,
ମଦୁଆଙ୍କ ସାଥେ ନିତିଭେଟ,
ହୁଣ୍ଡା, ଗୁଣ୍ଡା, ବଦମାସିଆଙ୍କୁ ଧରି
କରଇ ନିତି ସେ କେତେ ନାଟ ।।୭।।
ମାଗିବ ଯିଏ ହିସାବଟି,
ନଟିଆ ଭାଇ, ଶତ୍ରୁ ସେଏଟି,
ତା' ପାଇଁ ନାନା ଷଡ଼ଯନ୍ତ୍ର କରି
ବଅନ୍ଦ କରଇ ତା' ପାଟି ।।୮।।
ପିଅ, ପିଅ, ପିଅ, ପିଅରେ,
ଯେତେ ଇଚ୍ଛା ସେତେ ପିଅରେ,
ଅତି ହେଲେ ଇତି ହେବାଟା ନିଶ୍ଚିତ,
ମରଣକୁ ଡ଼ାକି ନିଅରେ ।।୯।।
ସତର୍କ ଘଣ୍ଟି ତ ବାଜୁଛି,
ମଦକୁ କୁହ 'ହେ ଛି,ଛି',
ଭଲେ ବଞ୍ଚିବାକୁ ଚାହିଁଯଦି ଭାଇ,
ତୁମ ହିତ ପାଇ କହୁଛି ।।୧୦।।

❖❖❖ବଡ଼ତୋଟା, ଖୋର୍ଦ୍ଧା,
ଦୂରଭାଷ :୯୮୬୧୩୮୫୪୦୦

# ଧରଣୀ ମା କୁ ହୋଇଛି ଜର

**ଶ୍ୟାମ ମହାପାତ୍ର**

ଧରଣୀ ମା' କୁ ହୋଇଛି ଜର,
ଦେହରେ ତା' ଅଛି ତାତି ପ୍ରଖର।
ଶରୀରଟା ଫାଟି କଲାଣି ଆଁ,
ପବନରେ ଖାଲି ବୋହୁଛି ନିଆଁ।
ନଈ ନାଳ ସବୁ ଗଲାଣି ଶୁଖି,
କେହିପାରିବେନି ଜୀବନ ରଖି।

କଳକାରଖାନା ଯାନବାହାନ,
ବଢ଼ିଯିବା ପରା ଏହା କାରଣ।
ଏହାସହ ପୁଣି ଜଙ୍ଗଲ ନଷ୍ଟ,
ହେବାରୁ ସିନା ଏ ବଢୁଛି କଷ୍ଟ।

ତେଣୁ ଆସ ଆମେ ସଭିଏ ମିଳି,
ଗଛ ଲଗାଇବା ଧାଡ଼ିକି ଧାଡ଼ି।
ସୁରକ୍ଷା କରିଲେ ବଣ ଜଙ୍ଗଲ,
ଧରଣୀ ମାର ଛାଡ଼ିବ ଜର।।

❖❖❖

**ସରସ୍ୱତୀ ଶିଶୁ ମନ୍ଦିର**
**ତୁଷରା, ବଲାଙ୍ଗିର**

# ଚାରୋଟି ଏକପଦୀ

**ନିଶିକାନ୍ତ କହଲସିଂହ**

**ଦାଗ**

ତୋ'ର ସେ ଗୋଲାପୀ
ଓଠର ଦାଗରେ
ରଙ୍ଗେଇ ଦେଲୁ ତୁ ମୋତେ,
ଏମିତି ଦାଗ ସେ
ଏ ଯାଏଁ ଛାଡୁନି
କେମିତି ଭୁଲିବି ତୋତେ।।

**ପ୍ରୀତି**

ଏବେ ବି ମୋ ଆଖି
ଲୁହ ଝରାଇଲେ
ତୋ' ଆଖି ରକତ ଢ଼ାଳେ,
ଇଏ କି ଗୋ' ନୁହେଁ
ପ୍ରୀତିର ମୁକୁତା
ସ୍ମୃତିର ଶାମୁକା କୋଳେ।।

**ଦୁଃଖ**

ଦୁଃଖ ମୋର ଥାଟ
ଦୁଃଖ ମୋ ମୁକୁଟ
ଦୁଃଖେ ମୋ ଉଆସ ସଜ୍ଜା,
କେମିତି ଭୁଲିବି
ଦୁଃଖକୁ ମୁଁ ପରା
ଦୁଃଖ ରାଇଜର ରଜା।।

**କ୍ଷେତ**

ଓଠରେ ମରୁଡ଼ି
ଆଖିରେ ଅସରା
ବନ୍ୟା କରିଛି ଘର,
ଆଜି ମୋ ପ୍ରେମର
ଦୋଫସଲି କ୍ଷେତ
ଛଇଳାଗୋ ଛାରଖାର।। ❖

**ଲୋକିପୁର, ଗଡ଼ମାଣତୀର**
**ଦୂରଭାଷ : ୯୯୩୭୯୫୩୫୨୬**

# ଭବ ସାଗରକୁ ନାବ

## ଗୋବିନ୍ଦ ଚନ୍ଦ୍ର ମହାରଣା

ମିଛ  ଦୁନିଆରେ ସତକୁ ଖୋଜୁଛି
ସତ ହରାଇଛି ସତ୍ତା,
ଅଧର୍ମ ବ୍ୟାପିଛି ସାରା ଦୁନିଆରେ
ଧର୍ମର ନମିଳେ ପତ୍ତା।

ନୀତିଭ୍ରଷ୍ଟ ଆଜି ଅବୋଧ ମଣିଷ
ବସିଛି ଅନୀତି ହାଟ
ଅନ୍ୟାୟ କବଳେ କବଳିତ ନ୍ୟାୟ
ଖସିବାକୁ ନାହିଁ ବାଟ।

କପଟତା ଆଜି ବିସ୍ତାରିଛି କାୟା
ସଚ୍ଚୋଟତା ଗୃହବନ୍ଦୀ,
ପାପଘରେ ପୁଣ୍ୟ ବନ୍ଧା ପଡ଼ିଅଛି
ଶାନ୍ତି ବୁଲେ କାନ୍ଦି କାନ୍ଦି।

ଅବିବେକୀ ପାଶେ ବିବେକୀ ମଣିଷ
ପଡ଼ିଯାଏ କ୍ରମେ ଫିକା,
ବିନମ୍ରତା ଶିରେ ପାଦ କଚାଡୁଛି
ବାରମ୍ବାର ଅହମିକା।

ନାମ ପ୍ରତିପତ୍ତି ଯଶ ଅର୍ଥପ୍ରତି
ବଢୁଛି ଲୋକଙ୍କ ମୋହ,
ନିରୀହ ମଣିଷ ନିର୍ଜନରେ ବସି
ଗଡ଼ାଏ ଆଖିରୁ ଲୁହ।

ମିଛ ଅଧରମ ଅନୀତି ଅନ୍ୟାୟ
କପଟତା ପାପକର୍ମ,
ଅବିବେକୀ ଅହମିକା କାମନାଦି
ନୁହଁଇ ମାନବଧର୍ମ।

ସତ୍ୟ ଧର୍ମ ନ୍ୟାୟ ସଚ୍ଚୋଟତା ପୁଣ୍ୟ
ବିବେକ ବିନୟ ଭାବ,
ଏ ସକଳ ଗୁଣ ମାନବ ଭୂଷଣ
ଭବ ସାଗରକୁ ନାବ।

❖❖❖

ମଙ୍ଗଳା ନଗର, ଖୋର୍ଦ୍ଧା
ଦୂରଭାଷ- ୯୪୩୮୭୩୪୬୪୪

# ସ୍ୱର୍ଗ ବି ମିଳିବ ଏଇଠି

**ଜ୍ୟୋତିପ୍ରଭା ପଟ୍ଟନାୟକ**

ସୃଷ୍ଟିପାଇଁ ଲୋଡ଼ା ନାରୀ
ନାରୀପାଇଁ ସୃଷ୍ଟି ତ ସମ୍ଭବ
ମାତୃଗର୍ଭୁ ହତ୍ୟାକରି ନିଷ୍ପାପ ଭୃଣକୁ
ବିଲୟକୁ ହାତଠାରି ଡ଼ାକ
ଭୁଷୁଡ଼ି ପଡ଼ିଛି ଆଜି ସାମାଜିକ ସ୍ଥିତି
ଏହା କ'ଣ ସଭ୍ୟତାର ମାପକାଠି ? (୧)

ଦୁଃଖ ସୁଖ ସବୁ ସହି
ପିଇଯାଏ ଲୁହଲହୁ
ଲୁଚାଇ ତା ଅନ୍ତର ବେଦନା
ବଞ୍ଚିବା ଶିଖାଏ ସିଏ ପାଇବି ଲାଞ୍ଛନା
ତଥାପି ପିତା, ପୁତ୍ର, ଭ୍ରାତା,
କାହାକୁ ସେ ପଚାରିପାରେନା
କାହିଁକି ତା ସୃଷ୍ଟି !
ସମାଜରେ ତା ସ୍ଥାନ କେଉଁଠି ? (୨)

ଅନାବିଳ ସ୍ନେହପ୍ରେମ,
ବାଣ୍ଟିଚାଲେ ଅବିରାମ
ସେବାରେ ତା ନାହିଁତ କାର୍ପଣ୍ୟ
ଜନନୀ, ଭଗିନୀ, ଜାୟା ଓ କନ୍ୟାରୂପେ
ଜିତୁଥାଏ ସବୁରି ହୃଦୟ
ତଥାପି ସମାଜର ଲୋଲୁପ ଦୃଷ୍ଟିର ଭୟ
କଳୁଷିତ ଆବିଳତାମୟ
କୁହ ତେବେ
ନାରୀର ସ୍ଥାନ ଆଜି କେଉଁଠି ? (୩)

ମାତୃସମ ଦୃଷ୍ଟିତୋଳି
ଦିଅ ସର୍ବେ କରତାଳି
ତେବେ ସିନା ସମ୍ଭବ ଏ ସୃଷ୍ଟିପାଇଁ ନାରୀ
ନାହିଁ ତାର ଅରି ବୋଲି
ନାଁ ତାର ନାରୀ,
ସମ୍ମାନ ଦିଅ ସର୍ବେ ମାତୃଜାତି ବରି
ସେବାକରି ନିଜ ମାଆ ପରି
ତେବେ ଏ ମର୍ତ୍ତ୍ୟରେ
ସ୍ୱର୍ଗ ବି ମିଳିବ ଏଇଠି । (୪)

❖❖❖

**ବି.ଡ଼ି.ଏ କଲୋନୀ, ଖୋର୍ଦ୍ଧା**
**ଦୂରଭାଷ :୯୪୩୭୪୩୭୫୧୦**

# ଯୁଦ୍ଧ ଓ ଶାନ୍ତି

**ଅଖିଳାନନ୍ଦ ବେବର୍ତ୍ତା**

ଅତୀତ ଅନେକ ଯୁଦ୍ଧର ଭୟଙ୍କର ଚିତ୍ର ଆଙ୍କିଛି
ଇତିହାସର ପୃଷ୍ଠାରେ ... ସମୟର ପ୍ରତିଟି ମୋଡ଼ରେ
ଶୁଭିଛି ଯୁଦ୍ଧର ଦୁନ୍ଦୁଭି ... ରକ୍ତସ୍ନାନ କରିଛି ରାଜରାସ୍ତା
ଗଳି, ଉପଗଳି, ସ୍କୁଲଘର, ପାଦତଳର ମାଟି ଏବଂ ପ୍ରାର୍ଥନା ଘର ....!

ଚିନ୍ତା ଓ ଚେତନା ଶୂନ୍ୟ ଅଂଧାରୀମୂଳକ ହିଁ ଯୁଦ୍ଧର ଏନ୍ତୁଡ଼ିଶାଳ
ପ୍ରେମ, ସୌନ୍ଦର୍ଯ୍ୟ, କରୁଣା ଓ ସତ୍ୟକୁ ସାମନା କରିପାରୁନଥିବା
ପ୍ରତିଟି ମଣିଷ ଏ'ଠି ଯୁଦ୍ଧ ମୁହାଁ ..... ଅଜ୍ଞାନତା ଓ ମୃତ୍ୟୁର
ଏକ ଦୁର୍ବଳ ସେତୁବନ୍ଧ ହିଁ ଯୁଦ୍ଧ !
ଅମାନବିକତା ଅହଂ ଏବଂ ଅସହିଷ୍ଣୁତାର ପ୍ରବଳ ବର୍ଷା ଓ କରକାପାତରେ
ମାଟିରେ ମିଶିଛି ଉତ୍କର୍ଷ ସାହିତ୍ୟ, ସଂସ୍କୃତି, ସହମତି ଏବଂ ବିଜ୍ଞାଣିର
ଅପରୂପ ସ୍ୱର୍ଗ .... ଏ ଯୁଦ୍ଧରେ ବଳିପଡ଼ିଛନ୍ତି, ନିରୀହ ନିପୀଡ଼ିତ
ଏବଂ ଛୋଟ ଛୋଟ ସ୍ୱପ୍ନ ଦେଖୁଥିବା ଅଗଣିତ, ଅସହାୟ ମଣିଷ,
ଯେଉଁମାନେ ମଶାଣିର କଳାତୁଳସୀ ପରି ଅଲୋଡ଼ା, ଅଖୋଜା
ମଣିଷର ସକଳ ଶ୍ୱାସ- ପ୍ରଶ୍ୱାସରେ ଆଜି ଯୁଦ୍ଧ ଓ ଆତଙ୍କର ଭୟ
ଚାରିଆଡ଼େ ଅଶାନ୍ତ ନୀରବତା, ଅବିବେକୀ ଆତଙ୍କୀର ବଜ୍ର କୁହାଟରେ
ବନ୍ଦୀ କରିଦିଏ, ଯୁଦ୍ଧ ଚିତ୍ରିତ ପ୍ରଜାପତିର ରଙ୍ଗୀନ ଉଡାଣ,
କଳା ବଉଦର ଫାଙ୍କଦେଇ ହସୁଥିବା ଜହ୍ନର ହସ, ନଈ ବାଙ୍କର
ସୁହାଗ ପବନ, ପୌଷ ସକାଳର ଶୀତଳ ସମତା .... ବଂଶୀ ବାଲାର
ଓଠର ସ୍ପନ୍ଦନ .... ଏମିତି ଅନେକ ଚିରନ୍ତନ ଛବି ଏବଂ ମଧୁ ମଧୁ ସ୍ୱପ୍ନ .....!!

ଏବେ ତ ଯୁଦ୍ଧ ସର୍ବତ୍ର, ଦ୍ୱନ୍ଦ୍ୱ ଓ ସଂଘର୍ଷ, ଅବିଶ୍ୱାସ, ସଂଶୟ, ଶ୍ରୀକ୍ଷେତ୍ରରୁ
କୁରୁକ୍ଷେତ୍ର, ହାଣ୍ଡିଶାଳରୁ ସଂସଦଭବନ ଯୁଆଡ଼େ ଚାହିଁବ ସେଠି ଜୁଇ ଓ ମଶାଣିର
ଲୋହିତ ଚିତ୍କାର ..... ସ୍ନାୟୁ ଓ ଧମନୀରେ ଆଜି ଘମାଘୋଟ ଯୁଦ୍ଧ
ଓ ହୃଦୟରେ ଝାଂଜିପବନ ଓ ଧୂଳିଝଡ଼ ....... !
ଆଉ ନୁହେଁ ଯୁଦ୍ଧ, କମାଣ ଓ ତୋପର ଗର୍ଜନ ...... ବହୁତ ହେଲାଣି, ବିଶ୍ୱମଣ୍ଡକରି
ଶୁଣାଇବା ।ମୃତର ନାଦ .... ଓଂକାର ଧ୍ୱନି- ଛିନ୍ନ କରି ଯୁଦ୍ଧର....
ଜଡ଼ ଅନ୍ଧକାର, ଆଶାବାଦୀ ହେବା, ସତ୍ୟସକ୍ଷ ହେବା, ଜୀବନ ଯୁଦ୍ଧର ସ୍ଥାଣୁତ୍ୱ
ଭିତରେ ଖୋଜିବା ଦେବତ୍ୱର ସଂଧାନ, ଖୋଜିବା ଆଉ ଜଣେ ଗାନ୍ଧୀ ଏବଂ
ମାର୍ଟିନଲୁଥର୍ .... ବିଶ୍ୱକୁ ଚେତେଇ ଦେବା, ପରିପୂର୍ଣ୍ଣ ପରମପୁରୁଷର ପରିଭାଷା,
ନିହାତି ଲୋଡ଼ା ଆଜି ଏକ ଅନାସକ୍ତ ମନ ଏବଂ ବାସ୍ନା ବାସ୍ନା ସ୍ୱପ୍ନ ....
ଜୀବନର ଇପ୍‌ସିତ ଲକ୍ଷ୍ୟ ସଂପର୍କରେ ବୁଝାଇବା ଯୁଦ୍ଧଖୋର ମଣିଷମାନଙ୍କୁ .....
ପ୍ରେମ, ଅହିଂସା ଓ ଶାନ୍ତି ଆମର କାମ୍ୟ .... ସ୍ଥିର ଓ ସଂଯତମନ ଓ ହୃଦୟହିଁ
ଖୋଜିପାରିବ .... ଅମୃତର ମାର୍ଗ, ଦେବତାର ଭୂମି ହେଉ .... ଶୁଣାଅ
ବିଷାକ୍ତ ବସୁଧା- ଶାନ୍ତି ଓ ସଂହିତା ଶୁଣାଅ
ବିଶ୍ୱର କାନେକାନେ ..... ଯୁଦ୍ଧହିଁ ମୃତ୍ୟୁ, ପ୍ରେମ ହିଁ ଶାନ୍ତି ;
.....ଏ.. ଆମରି ସତ୍ୟ ..... ମହାସତ୍ୟ ......।

❖❖❖

**ବି.ସି. ରୋଡ୍, ଜେ.କେ. ପୁର, ରାୟଗଡ଼ା**
**ଦୂରଭାଷ :୯୯୩୭୯୩୫୧୨୯**

# ବର୍ଷା ଗୋ ତୁମେ

**ପ୍ରକାଶ ଚନ୍ଦ୍ର ମାଝୀ**

ବର୍ଷା ଗୋ ତୁମେ
କବିର କବିତା
ଶବ୍ଦ ତମାଳ ବନ,
ଚାହୁଁ ଚାହୁଁ କେତେ
ଭାବ ଫୁଟିଯାଏ
ଖୁସିରେ ନାଚଇ ମନ।

ବର୍ଷା ଗୋ ତୁମେ
ପ୍ରକୃତି ରାଣୀର ସୁବର୍ଣ୍ଣ
ଶାଗୁଆ ଦେହ,
ତୁମ ଆସିବାର
ସଙ୍କେତ ପାଇଲେ
ଲୁଚିଯାଏ ଧରା ଲୁହ।

ବର୍ଷା ଗୋ ତୁମେ
ଦୂର ଆକାଶର
ଓଢ଼ଣା ତଳର ଲାଜ,
ତୁମ ପହିଲି ପରଶେ
କେତେ ଆଙ୍କିଯାଏ
ପ୍ରେମର ସୁନେଲି ସୂର୍ଯ୍ୟ।

ବର୍ଷା ଗୋ ତୁମେ
ଦୂର ପାହାଡ଼ର
ହୃଦୟେ ସ୍ମୃତିର ଭାଷା,
ତୁମକୁ ଛୁଇଁଲେ
ମନରେ ଆନନ୍ଦ
ବାନ୍ଧେ ନୂଆ ନୂଆ ଆଶା।

ବର୍ଷା ଗୋ ତମେ
ସାଧବ ବୋହୂର
ପାଦରେ ଅଳତା ଗାର,
ତୁମକୁ ପଢ଼ିଲେ
ଫୁଟି ଫୁଟି ଉଠେ
ସମୟ ଗୀତର ସ୍ୱର।

ବର୍ଷା ଗୋ ତୁମେ
କଅଁଳ ଶିଶୁର
ମୁଖେ ଖିଲି ଖିଲି ହସ,
ସପନେ ଆଶ୍ରିତ
ତୁମ ଚିତ୍ରକଳା
ଝରିପଡ଼େ କେତେ ରସ।

ବର୍ଷା ଗୋ ତୁମେ
ଟିକି ଚଢ଼େଇର
ନିଦଭରା ଜହ୍ନରାତି,
ସ୍ମୃତିର ଫରୁଆ
ଖୁସିରେ ଲେଖିଛି
ତୁମପାଇଁ ଆଜି ଚିଠି।

ବର୍ଷା ଗୋ ତୁମେ
ପ୍ରେମୀ ହୃଦୟର
ପ୍ରେମର ପ୍ରଣୟ ଗୀତି,
ତୋ ବିନା ଭାବନା
ଚୁନା ଚୁନା ଲାଗେ
ଝୁରି ମରୁଥାଏ ସାଥୀ।

❖❖❖

ବାଲେଶ୍ୱର।
୯୪୩୮୩୦୫୦୯୮

# ନାରୀ ସିଏ ! !

**କବିତା ପଟ୍ଟନାୟକ**

ନାରୀ ସିଏ !
ନିରୁକ୍ତ ଅବସାଦଘେରା
କୁଢ଼ କୁଢ଼ ଭଗ୍ନାଂଶର ଶିଡ଼ି ଚଢ଼ି
ଅଲୋଡ଼ା ଦୀର୍ଘଶ୍ୱାସ ସବୁକୁ
ଗୋଟାଉ ଗୋଟାଉ
କ୍ଳାନ୍ତ ଶିରାଳ ହାତର
ଭାତ ତା'ର ଆଡ଼ ହୋଇଯାଏ
ଯା'ର ସଂବେଦନାର ଆବେଗ
ପ୍ରତି ମୁହୂର୍ତ୍ତରେ ନିଲାମ ହେଉଥାଏ
ନାରୀ ସିଏ !

ନାରୀ ସିଏ !
ନିଛାଟିଆ ଫଗୁଣର
ଧୂଳିମଖା ସ୍ୱପ୍ନର ରାତିମାନଙ୍କୁ
ନିଦାରୁଣ ଖରାରେ ସିଝାଇ
ଅନାବନା ବର୍ଷାର ବିଘାତେ
ଭିଜିଭିଜି ଜଳୁଥାଏ
ଅଡୁଆ ସଂପର୍କର ଦାଢୁଆ ଧାରରେ
ଧାର ଧାର ରକ୍ତ ହୋଇ
ଝରୁଥାଏ:
ନାରୀସିଏ !

ସେ ଶାଗୁଆ ଆକାଂକ୍ଷାର
ନିର୍ମୁକ୍ତ ଗୋଧୂଳି
ଫେରଂତା ଗୋଧନର ଖୁରା ଘାତେ
କ୍ଷତାକ୍ତ;
ଆଉ ଉପେକ୍ଷିତ
ନିଷ୍ପେସିତ; ପ୍ରତିଟି
ଆପଣା ମୁହୂର୍ତ୍ତମାନଙ୍କୁ
ମାହାର୍ଦ୍ଦର ମହାର୍ଘ୍ୟରେ
କୋଳେଇ ସେ ନିଏ
ତା' ଯନ୍ତ୍ରଣାର ପୃଷ୍ଠା ସବୁ
ହସୁଥାଏ, ତା ଅବଶୋଷର
ଦିନ ସବୁ କଦମ୍ବ କଦମ୍ବ
ବାସୁଥାଏ;
ନାରୀ ସିଏ !
ହରିଦ୍ରାର ନୀଳ ସୈକତରେ
ଝୋଟି ଭଳି ଝଟକୁ ଥାଏ ସେ !!!!

❖❖❖

ପଲଟନ୍ ପଡ଼ିଆ, ଖୋର୍ଦ୍ଧା
ମୋ-୮୦୯୩୬୦୯୨୭୨

# ତାଙ୍କଠାରେ ମନଥାଉ

ଡ଼ଃ. ପୂର୍ଣ୍ଣଚନ୍ଦ୍ର ଓଝା

ଆଶାରେ ବଞ୍ଚିବା ଭଲସିନା, ହେଲେ ଆସକ୍ତି କଦା ନ ରହୁ।
ମନନ କରିବା ସବୁଥିରେ ସିନା, ମନମାନି ତ ନ ହେଉ।।
ରିପୁକୁଳ ଜୟ କରିବାକୁ ହେଲେ ରିହ ପ୍ରକାଶ ନ ପାଉ।
ସବୁରିଙ୍କ ମନକିଣି ନେଉଥିଲେ ପର ନରହନ୍ତି କେହୁ।।
ତ୍ୟଜିଦେଲେ ହୃଦୁଁ ଷଡ଼ରିପୁ ହେଲେ, ଲଭିବା ଆଦର ବହୁ।
କଷ୍ଟକଲେ କୃଷ୍ଣ ମିଳନ୍ତି ଭାଗ୍ୟରେ, ଦୁଃଖଯାଏ କହୁକହୁ।।
ବିଶ୍ୱାସରେ ବିଷ ଦେଉଥିବା ନରେ ଭଲ ନ ପାଆନ୍ତି କେହୁ।
ତାଚ୍ଛଲ୍ୟ କାହାକୁ କରିବାନି କେବେ ପ୍ରାଣ ପଛେ ଚାଲିଯାଉ।।
ବିବେକକୁ ଚାହିଁକରୁଥିବା କର୍ମ ଯାହାପଛେ ହୋଇଯାଉ।
ଶେଷଶାୟୀ ପ୍ରଭୁ ଜାଣୁଛନ୍ତି ସବୁ ଭାବଗ୍ରାହୀ ଯେଣୁ ସେହୁ-
ଷଡ଼ବିଧସୁଖ ଯାଚିଦେବେ ବଳେ, ତାଙ୍କଠାରେ ମନଥାଉ।।

❖❖❖

ସିଂହମାପୁର, ବହୁଗ୍ରାମ, କଟକ
ଦୂରଭାଷ : ୯୮୬୧୯୬୧୧୭୩

# ଶ୍ରମିକ ଭାଇ

ରେଣୁକା ରଥ

ସଦା ଜୁଝୁଥାଏ ଆମରି ପାଇଁ,
ମୁଣ୍ଡ ଝାଳ ନିତି ତୁଣ୍ଡେ ମାରଇ,
ଖରା, ବର୍ଷା, ଶୀତ, ସବୁ ସହଇ,
ସେ ପରା ଆମରି ଶ୍ରମିକ ଭାଇ।

ତା'ର ଶ୍ରମ ଦ୍ୱାରା ଦେଶ ଚଳଇ,
ନିଜ କଥା ନିଜେ ଭାବି ନଥାଇ,
ଦେଶ ଭବିଷ୍ୟତ ସିଏ ଅଟଇ,
ସେ ପରା ଆମର ଶ୍ରମିକ ଭାଇ।

ଶ୍ରମ ଦେଉ ଦେଶ ପାଇଁ ମରଇ,
ଆମ ପାଇଁ ବଳିଦାନ ଦିଅଇ,
ମରି ବି ଅମର ଜାତିର ପାଇଁ,
ସେ ପରା ଆମର ଶ୍ରମିକ ଭାଇ।
ଶ୍ରମ ପାଇଁ ଦିଏ ଜୀବନ ତାର,
ଦେଶ ହିତ ପାଇଁ ଜନ୍ମ ତାହାର।
ମରି ବି ଅମର ଜାତିର ପାଇଁ
ସେ ପରା ଆମର ଶ୍ରମିକ ଭାଇ।
ଗାଇବା ଆସରେ ତା ଜୟ କାର,
ଶୁଝି ପାରିବାନି ଋଣ ତାହାର।

❖❖❖

ଜେମାଦେଇ
ଦୂରଭାଷ : ୯୯୩୮୦୬୮୪୦୨

# ବନ୍ଧୁତା

ଆରତୀ ପ୍ରହରାଜ

ବନ୍ଧୁଟିଏ ଲୋଡ଼ା ସବୁରି ଜୀବନେ
ଅମୂଲ୍ୟ ବନ୍ଧନ ସେତ,
ସୁଖଦୁଃଖ ଆଉ ସହଭାଗିତାରେ
ରହିଥାଏ ସିଏ ମିତ।
ଅନ୍ତରର କଥା ହୃଦୟର ଗାଥା
ଖୋଲା ମନ ଖୋଲା ବଚନ,
ଆପଣାର ଭାବ ବଢ଼େ ସଦ୍‌ଭାବ
ତୁଟେ ନାହିଁ ଜମା ବନ୍ଧନ।
ହସମୁଖେ କଥା ନିବିଡ଼ ବନ୍ଧୁତା
ସମର୍ପଣ ଭାବ ନେଇ,
ବିପଦେ ଆପଦେ ସାହା ହେଉଥିବ
ଏକ ଆରେକର ପାଇଁ।
ସମସ୍ତଙ୍କୁ ପ୍ରିୟ ଲାଗେ ନିଜନାମ
ସବୁଠୁ ମଧୁର ତାହା,
ନିଜେ ନକହିକି ଅନ୍ୟକଥା ଶୁଣ
ବନ୍ଧୁତାର ମୂଳଦୁଆ।

ଯେଉଁ କଥାଟିରେ ଯାହାର ଆଗ୍ରହ
ତାକୁ ସେଇକଥା କୁହ
ବନ୍ଧୁତା ନିଶ୍ଚୟ ବଢ଼ିବ ତୁମର
ତୁମେ ହେବ ତା'ର ପ୍ରିୟ।

❖❖❖

ଭି.ଏସ୍.ଏସ୍. ନଗର,ଭୁବନେଶ୍ୱର
ଦୂରଭାଷ :୯୪୩୮୩୬୦୨୫୨

# ପିଅ ନି ବିଷ

ନିରଞ୍ଜନ ପଟ୍ଟନାୟକ

ମାଟି ମାଆର ପେଟକୁ ଚିରି ସୁନାର ଫସଲ ଫଳେଇ ଦେଇ,
ଦୁନିଆଁ ମୁଖରେ ଆହାର ଦିଏ ମୁଣ୍ଡର ଝାଳ ତୁଣ୍ଡରେ ଥୋଇ,
ରାତି ନ ପାହୁଣୁ ବିଛଣା ଛାଡ଼ି ବିଲକୁ ଯାଇ ସେ ହଳ କରଇ,
ମଥା ଉପରେ ବେଳକୁ ଚାହିଁ ଗାଧୋଇ ଯାଏ ହଳ ଫିଟାଇ,
ସେ ଆମ ପ୍ରିୟ କୃଷକ ଭାଇ..........୧

ବରଷ ସାରା କାମରେ ମାତେ ଦୁଃଖ କଷ୍ଟ ସବୁ ମନରୁ ପୋଛେ,
ପାଚିଲା ଧାନ କେଣ୍ଡାକୁ ଚାହିଁ ନାଚେ ଆନନ୍ଦେ ବିଭୋର ହୋଇ,
ଫସଲ ଯେବେ ଯାଏ ଉଜୁଡ଼ି କରଜ ଋଣ ଭାରରେ ବୁଡ଼ି,
କାହାକୁ ପଦେ କିଛି ନକହି ଶୋଇ ଯାଅ କିଆଁ ବିଷକୁ ପିଇ,
ହେ ଆମ ପ୍ରିୟ କୃଷକ ଭାଇ..........୨

ଏ ଘଟଣା ଯେବେ ବନ୍ଦ ନହେବ ଆଜି ନହେଲେ କାଲିକୁ ଭାଇ,
ଦେଶର ପ୍ରଗତି ଯିବ ଉଜୁଡ଼ି ବୁଝ ଏକଥାକୁ ବିଚାର କରି,
ତୁମରି ହାତେ ବିଧାତା ଦିଏ ସବୁରି ପେଟେ ଆହାର ଭରି,
ତମେ ବଞ୍ଚିଲେ ଦୁନିଆ ବଞ୍ଚିବ ବଞ୍ଚିବାକୁ ହେବ ଆମରି ପାଇଁ,
ହେ ଆମ ପ୍ରିୟ କୃଷକ ଭାଇ..........୩

ଋଣ ଭାରରେ ବିଷ ପିଇବା ନୁହଁଇ ଲଢୁଆ ବିଚାର,
ବିଷ ନ ପିଇ ଲଢ଼େଇ କରି ମାଗ ତୁମ ହକ ଅଧିକାର,
ତୁମରି ପଛେ ଅଛନ୍ତି ପ୍ରଭୁ କରିବେନି କେବେ ଅବିଚାର,
ପିଅନି ବିଷ ପିଅନି ବିଷ ବଞ୍ଚିବାଟା ତୁମ ଦରକାର,
ହେ ପ୍ରିୟ କୃଷକ ଭାଇ ଆମର..........୪

❖❖❖

ଭକ୍ତିମଣ୍ଡପ, ବୁର୍ଲା
ଦୂରଭାଷ :୯୪୩୮୫୯୨୭୬୭

# ସକାଳ ହେଲାଣି କି ?

ସଂତୋଷ କୁମାର ରଥ

"ସକାଳ ହେଲାଣି କି
ଏବେ କଣ ଆମକୁ  ଉଠିବାକୁ ହେବ
ଯିବା ପାଇଁ ହେବ ବ୍ୟାୟାମକୁ,
ସାମ୍ନାର ଯାତ୍ରୀକୁ ଅନୁସରଣ କରିବାକୁ ହେବ ତ,
ନା, ଆଉ କିଛି ଆଦେଶ ?"

ସବୁ ବେଳେ ଲାଗୁଛି ସକାଳ ସକାଳ
କିଏ ଯେପରି ଆଦେଶ କରୁଛି ଦୂରରୁ
ଉଚ୍ଛନ୍ନ ଲାଗୁଛି ଯେମିତି ଆରମ୍ଭରୁ
ଅବସନ୍ନ ଲାଗୁଛି ଶେଷରେ, ଏଇ ନିରୁଦ୍ଦେଶ୍ୟ ଖେଳ ,
ପାଂଚ ପାହୁଣ୍ଡ ପରେ କାନ୍ଥ,
କାନ୍ଥ ପରେ ହିଁ ସୁରଭିତ ସକାଳ ।
ପ୍ରାଚୀନ ପବନର ଏ ନିବୁଜ ଆକାଶ ତଳେ
ସୋରାଏ ବିଜୁଳିର ମହକ ପରି ଚହଲି ଯାଉଛି ଆକାଶ
ଏଇ ଅଛି ଏଇ ନାଇ , ଝିମ ଝିମ ଝାଇଁ ଝାଇଁ ।

"  ଆମକୁ ଚାଲିବାକୁ ହେବ ତ ,
ପ୍ରତିଟି ପାହୁଣ୍ଡ ଆମର ସକାଳ ପାଇଁ,
ଅଭ୍ୟସ୍ତ ବ୍ୟାୟାମ ପାଇଁ,
ପାଦଚିହ୍ନରେ ପାଦ ଥାପି ଥାପି
ମଥା ପୋତି ଚାଲିବା ପାଇଁ,
ନା, ଆଉ କିଛି ଆଦେଶ ?

❖❖❖

ଇ-୨୦୫, ପାମ୍ ହାଇଟସ୍,
ସାମପୁର, ଭୁବନେଶ୍ୱର-୩୦

# ତିନୋଟି ଗଛ କବିତା

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ

### ଏକ

ମୋତେ ମାଟି ଦିଅ
ମୁଁ ସେଠି ସବୁଜିମାର
ରଙ୍ଗ ତୋଳିବି,
ମୋତେ ପାଣି ଦିଅ
ମୁଁ ଫୁଲ ଫଳରେ
ଦୁନିଆ ଭରିବି...,
ମୋତେ ଝରା ଦିଅ
ମୁଁ ଆଙ୍କିବି ପୃଥିବୀକୁ
ଶାଗୁଆ କରି।
ମୋତେ ବିଶ୍ୱାସ ଦିଅ
ମୁଁ ତୁମକୁ ଶୁଣାଇବି
ସବୁଜ ସାଏରୀ।।

### ଦୁଇ

ଟଳମଳ ପାଦରେ
ଜାବୁଡ଼ି ଧରିଛି ମାଟି
ଆକାଶ ଛୁଇଁବାକୁ
ଚାହୁଁଛି ମଥା।
ମୋ ଦେହରେ ଲେଖା
କେତେ ରଙ୍ଗବେରଙ୍ଗର କବିତା
ଗଛ ମୁଁ....
ମୋ ଭାଷା କେବଳ
ଅନ୍ତରଙ୍ଗ ନୀରବତା ॥

### ତିନି

କାଗଜରେ ମୋତେ
ବଞ୍ଚାଇ କି ଲାଭ
ଲାଭ କଣ ଲେଖି
ରାଶି ରାଶି ଗପ କବିତା
ଭାଷଣବାଜୀରେ ସବୁଜ କି ହୁଏ
ଧୂସର ଧରାର ଛବିଟା।।
ମଞ୍ଜିଟିଏ ପୋତ
ପାଣି ମୂଳେ ଢାଳି
ଦେଖିବ କେମିତି
ପାଲଟିବି ତୁମ କବିତା ॥

❖❖❖

ପୂର୍ବତନ ବିଧାୟକ,
ଖୋରଧା

# ଚିଲିକା-ପଥେ

ଡକ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ

ଏଇ ଉଇଁଆସେ ଚାନ୍ଦ କୃଷ୍ଣତିଥି ନିଶାନ୍ତେ, ନିଷ୍ପ୍ରଭ,
ସୁପ୍ତ ଦ୍ୱୀପ ପାରିକୁଦ ତିମିରିତ ଚିଲିକାର ନଭ।
ନିସ୍ତେଜ ଏ ନିଶିକାନ୍ତ ଆମ ଶତଶ୍ରାନ୍ତ କର୍ମୀସମ,
ନାହିଁ ନିଦ୍ରା, ନାହିଁ କ୍ଷୁଧା; ସମ୍ମୁଖରେ କର୍ତ୍ତବ୍ୟ ନିର୍ମମ।
ଯେତିକି ସୁନ୍ଦର ପଥ, ଯେତେ ଆଶା, ଯେତିକି ଉଲ୍ଲାସ,
ଯେତେ ଉର୍ମି ସ୍ୱାଗତୋକ୍ତି, ଯେତେ ସ୍ୱନ, ଯେତେ ମଧୁହାସ୍ୟ।
ସେତିକି ଅନ୍ଧାର ପୁଣି, ସେତେ ଭୀତି, ସେତେ ବିଡ଼ମ୍ବନା।
ଅନଭ୍ୟସ୍ତ ଦୀର୍ଘପଥ, ଅନିଶ୍ଚିତ ଶଙ୍କାର ତାଡ଼ନା।
ଧନ୍ୟ ପାରିକୁଦ ବାସୀ ! ଜଳସ୍ଥଳ ଏକାକାର କରି -
ତୁମେ କେତେ ନିର୍ଭୀକ ନିର୍ଲିପ୍ତ; ମିତ୍ର ତୁମ ଚିଲିକାର ବାରି।।
ଆମେ ଯେତେ ଦୂରବାସୀ, ଚିଲିକାର ସୌନ୍ଦର୍ଯ୍ୟ ପିପାସୁ,
ପାରିକୁଦ ଛୁଇଁବାକୁ ସ୍ୱପ୍ନଜୀବୀ ଧିରେ ଧିରେ ଆସୁ।
କେତେ ଶଙ୍କା- କି ସନ୍ଦେହ ! ଚିଲିକାର ଆଚରଣ ପ୍ରତି,
ଉଙ୍କିମାରେ "କାଳିଜାଈ" ବୁଡ଼ିଯିବ କେତେ "ହାତୀ-ଛତି"।
ମରାଳମାଳିନୀ ଏଇ ନୀଳାମ୍ବୁର ନଗ୍ନ ଭୀମ ରୂପ,
ଭରିଦିଏ ଯେତେ ଭୟ ଭୀରୁତାର ଜଡ଼ତା ଅମାପ।
ଆମ ପାଇଁ କାଳିଜାଈ- କିମ୍ବଦନ୍ତୀ ସାକାର, ଜୀବନ୍ତ,
କୈଶୋରର ମଜ୍ଜାଗତ ମଧୁମୟ ବିଷାଦ ସଙ୍ଗୀତ।
ଲୁପ୍ତ ରହେ ଚିଲିକାର ଶାନ୍ତ, କାନ୍ତ, ଉଦାସ, ଉଦାର-
ଅନୀୟ, ଅନନ୍ତ ରୂପ; ନିର୍ଲିପ୍ତ ଯେ ଚିର ନିର୍ବିକାର।।
ଚିଲିକାଲୋ ! ତୋ କପାଳେ କାଳିଜାଈ କଳଙ୍କର ଟିକା।
ସତକଥା ସ୍ଥିର ହେଉ; କବିବାଣୀ ବିଶ୍ୱାସ- ପେଟିକା।।
ଉଇଁଆସେ ବକ୍ରଚାନ୍ଦ କୃଷ୍ଣତିଥି ନିଶାନ୍ତେ ନିଷ୍ପ୍ରଭ,
ଭାରତର ଭାଗ୍ୟ ଭରି ପେଟିକାରେ ଆମେ ରାଜକର୍ମଚାରୀ ବର୍ଗ।
ନାବରେ ଆସୀନ ଚାଲେ ଯନ୍ତ୍ରଯାନ ଜଳେକାଟି ଶିରା,
ଚାନ୍ଦଛାଇ ମିଞ୍ଜି ମିଞ୍ଜି ଲଘୁ ଉର୍ମି ଆଘାତ ଅସରା।
ଦିଦିନ ତଳର କଥା ଆମେ ଯେବେ ସାତପଡ଼ା ଘାଟେ.
ଅପେକ୍ଷାରେ ବସିଥିଲୁ ଅର୍ଦ୍ଧରାତ୍ରେ ସହଯାତ୍ରୀ ଥାଟେ।

ସପ୍ତମୀର ଅର୍ଦ୍ଧଚନ୍ଦ୍ର ଜଳ ଗର୍ଭୁ ଅଖି ମଳି ମଳି,
ସଲଜ୍ଜେ ଆସିଲା ଉଇଁ; ଦୀପ୍ତିହୀନ, ନିଜେ ଢ଼ଳିଢ଼ଳି ।।
କ୍ରମଶଃ ବିକାଶି ଜ୍ୟୋତି, ଶୁଭ୍ର, ସ୍ନିଗ୍ଧ ଜୋଛନାର ରେଖା,
ଲଘୁ ଉର୍ମି ପ୍ରଚ୍ଛଦରେ ଆଜି ନେଲା ଆଲୋକର ରେଖା ।
କୃଷ୍ଣବକ୍ଷା ଚିଲିକାକି ଆଧାରରେ ବିସ୍ତାରିତ ମସୀ,
ରୂପାର କଲମଟୁନ ବୁଡ଼ିଛିକି ତା' ଭିତରେ ଶଶୀ !!
କେଉଁ କବି ଲେଖିବ କି ମହାକାବ୍ୟ କେତେ କାଳ ଧରି,
ଅନନ୍ତ ପ୍ରତୀକ୍ଷା ଏ ଯେ ଅମୃତର ଆମନ୍ତ୍ରଣ ସରି ।
ଯନ୍ତ୍ରନାବ ବହିଚାଲେ; ସ୍ଥିର ଲାଗେ ଚଳମାନ ଯାନ,
ଚୌଦିଗେ ଚିଲିକାକାୟ; ଜଳରାଶି- ଶାନ୍ତ ଅମଳାନ ।।
କ୍ଷୀଣ ଚାନ୍ଦ ସ୍ୱଳ୍ପ ଜ୍ୟୋତ୍ସ୍ନା ଅପ୍ରଶସ୍ତ ଆଲୋକର ବାସ,
ଜ୍ଞାନ-ଗର୍ଭ ସିଦ୍ଧମୁଖେ କି ଅବା ଏ ଶୁଚିସ୍ନିଗ୍ଧ ହାସ !
ଅଗଭୀରୁ ସୁଗଭୀରର ବିଚିତ୍ର ଏ ଚିଲିକାର ରୀତି,
ପଥଦର୍ଶୀ ନିର୍ଦ୍ଦେଶରେ ନିୟନ୍ତ୍ରିତ ଯନ୍ତ୍ରଯାନ ଗତି ।
ଏଇଠି ଆସିଲା ଗଣ୍ଡ, ସୁଗଭୀରର ଜଳ ତା' ଅଥଳ,
ଜଳଜୀବ ଆଶ୍ରାସ୍ଥଳୀ, ନୌକାଗତି ସତର୍କ, ମନ୍ଥର ।।
ମତ୍ସ୍ୟ ଦେଶେ ଅକାଳରେ ମାନବର ଏ ଅନୁପ୍ରବେଶ,
ପ୍ରତିବାଦେ ମତ୍ସ୍ୟକୁଳ ଲମ୍ଫମାନ, ବିଚିତ୍ର ଅଶେଷ ।
ଶୀତଳ ବହେ ସମୀର, ମାର୍ଗଶୀର ଶୀତର ରଜନୀ,
ସାରାଦିନ ଶ୍ରମ, ଶାନ୍ତି ପୋଛିନିଏ ସ୍ୱପ୍ନ- ସମାର୍ଜନୀ ।
ଅବିରତ ଚାଲେ ନାବ, ଏଇ ଆସେ ଦକ୍ଷିଣରେ ଦ୍ୱୀପ,
ମହିଷା ଓ ବ୍ରହ୍ମପୁରା । କିଏ ଜାଣେ କି ଅବା ତା' ରୂପ ?
ଦିଶେ ସିନା ଘନକୃଷ୍ଣ ବୃକ୍ଷମାଳ, ଜଳଠାରୁ ଭିନ୍ନ,
ବିଚିତ୍ର ମାନବ ଗତି, ବିଚିତ୍ର ତା' ସଭାର ଉତ୍‌ଥାନ ।
କେମିତି, କିପରି, କେବେ ଏ ମଣିଷ ଦ୍ୱୀପ ଦ୍ୱୀପାନ୍ତରେ,
ଥାପିଲା ବସତି ଯାଇ; ଇତିହାସ ନାହିଁ ତା ଆଗରେ ।।
ସରୁଛି ଚିଲିକା ପଥ, ଦିଶିଲାଣି ସାତପଡ଼ା ବନ୍ଧ,
ସରିବି ଆସୁଛି ରାତ୍ରି, ସୁପ୍ତ କିନ୍ତୁ ଚିଲିକା ନିସ୍ତବ୍ଧ ।।
ବିଦାୟ ଚିଲିକା ରାଣି ! ବିଦାୟ ହେ ପାରିକୁଦ ବାସୀ ।
ଯୋଗଥିଲେ କେବେ ପୁଣି ତୁମସାଥେ ଦେଖାହେବ ଆସି ।

❖❖❖

ନୂଆଗାଁ, କେନ୍ଦ୍ରାପଡ଼ା

# ସଫଳ ସାଧନା କରେ କାମନା

**ପ୍ରାଣବନ୍ଧୁ ନାୟକ**

କାହାକୁ ସାହାଯ୍ୟ କରିନପାରିଲେ, କିଛି ଯାଏ ଆସେ ନାହିଁ,
ଅନ୍ତତଃ କାହାର କ୍ଷତି କରିନାହିଁ ମନେରଖ ଧ୍ୟାନ ଦେଇ।
ଅନ୍ୟର ପ୍ରଶଂସା ନକର ପଛକେ ହେବନାହିଁ କିଛି ଊଣା,
କଦାପି ତାହାର ନିନ୍ଦା କରନାହିଁ ସଦ୍‌ବୁଦ୍ଧି ହେବ ବଣା।
ଅନ୍ୟର ହୃଦୟେ ପ୍ରୀତିର ବନ୍ଧନ ବାନ୍ଧି ନପାରିବ ଯଦି,
ଘୋର ଅନ୍ତଃଦୁଃଖ ଆସିବ ଜୀବନେ ତାକୁ ଘୃଣା କରି ଯଦି।
ଶ୍ରଦ୍ଧାର ପାବନ ସ୍ରୋତ ଭରିଦିଅ ବ୍ୟକ୍ତିର ହୃଦୟ କୋଣେ,
କର୍କଶ କଥନେ ଆଘାତ ନକର ସଦା ରହିଯିବ ମନେ।
ଶକ୍ତି ଅନୁକ୍ରମେ ନିତି ବାଣ୍ଟିଚାଲ ସ୍ନେହ ଉଲ୍ଲାସ ରତନ,
ନିରାଶ ହୃଦୟେ ଜଗାଅ ଆଶାର ସୁଶୋଭନ ପଦ୍ମ ବନ।
ମଧୁର ବିନୟ ବଚନ ପରଶ ଅପର ମଙ୍ଗଳ ପାଇଁ,
ଛନ୍ଦ-ମନ୍ଦ-ମିଥ୍ୟା କଥା କହନାହିଁ ସ୍ୱସ୍ୱାର୍ଥ ହାସଲ ପାଇଁ।
ପଥିକକୁ ଦିଅ ସୁମାର୍ଗ ପ୍ରେରଣା ଅବାଟକୁ ଯାଉଭୁଲି,
ଦୁର୍ବଳକୁ ବାଣ୍ଟ ସୁରକ୍ଷା-କବଚ ବାଧାବିଘ୍ନ ଦେବ ଠେଲି।
ଭଣ୍ଡାମି, ଠକାମି, ଅସଦାଚରଣ ବିଲୋପ ସମସ୍ତ କର,
ଦୁଷ୍କର୍ମ, ଦୁର୍ନୀତି ଅନ୍ୟାୟ ଅନୀତି କର ଶୀଘ୍ର ତିରସ୍କାର।
ବାଦ, ପ୍ରତିବାଦ କୂଟକପଟତା ଧ୍ୱଂସର କାରଣମାନ,
ସମାରି ବୃକ୍ଷରୁ ଉପାଡ଼ି ଦେବାକୁ ସାହସ ବାନ୍ଧ ବହନ।
ଅହଂତା, ଅଶାନ୍ତି ହଟାଅ ମନରୁ ସୃଷ୍ଟି ବିଶ୍ୱ ପ୍ରୀତିମୟ,
ପ୍ରତିଟି କର୍ମରେ ଉତ୍ତମ ବିଚାର ଫଳହୁଏ ମଧୁମୟ।
ଜୀବନ-ପ୍ରଦୀପ ପ୍ରଜ୍ଜ୍ୱଳିତ କର ପ୍ରକାଶି ଦିବ୍ୟ- ଚେତନା,
ଅଧ୍ୟାତ୍ମ- ପ୍ରୋଜ୍ଜ୍ୱଳ ଭାରତେ ସଫଳ ସାଧନା କରେ କାମନା ।

ଓଁ ଶାନ୍ତିଃ। ଶାନ୍ତିଃ। ଶାନ୍ତିଃ।

**ପାଲେସ ଲାଇନ, ବଲାଙ୍ଗୀର**

# ଲୋ ସଜନୀ ! ସଫାକର ମନ ତୁଠ

**ବାବାଜୀ ଚରଣ ଜେନା**

ବନେଇ ଚୁନେଇ କଥାକୁ କହିଲେ
ମିଛ ହୋଇଯାଏ ସତ,
ସଜେଇ ସାଜେଇ ଲେଖିଦେଲେ କିଛି
ଗପ ହୋଇଯାଏ ଗୀତ,
ଲୋ ସଜନୀ ସଫାକର ମନତୁଠ .......... (୦)

ଚନ୍ଦନ ପେଡ଼ିରେ ଚନ୍ଦନ ଘୋରିଲେ
ମହକି ଉଠଇ ବାସ,
ଭଲକାମ କଲେ ଏଇ ଦୁନିଆରେ
କାଳ କାଳ ରହେ ଯଶ,
ଚଳେଇ ଚାଳେଇ ଦେଲେ କଥାସବୁ
ସୁଗମ ହୁଅଇ ପଥ,
ଲୋ ସଜନୀ ରହେ ନାହିଁ ଖଟ ଖଟ ..........(୧)

କି ସୁନ୍ଦର ଦିଶେ ପଦୁଅଁ ଫୁଲଲୋ
ପଙ୍କରୁ ହୋଇ ସେ ଜାତ,
ଗୁରୁ ଗୁରୁଜନ ଆଶିଷ ପାଇବୁ
କରୁଥିଲେ ମଥାନତ,
ଅଙ୍କେଇ ବଙ୍କେଇ କଥା କହୁଥିଲେ
ହେବେ ନାହିଁ କେହି ମିତ,
ଲୋ ସଜନୀ ସରିବନି ଚଲାପଥ ..........(୨)

ଅହଲ୍ୟା ନିବାସ
ପୋପରଡ଼ା, ନୂଆବଜାର, କଟକ
ଦୂରଭାଷ :୯୪୩୭୮୩୪୭୧୯

❖❖❖

# ଏକପଦୀ

ଚମକ ଚାନ୍ଦିନୀ ଦାଶ

ଭରା ତରଙ୍ଗିଣୀ ଲହରୀ ମୁଁ
ତମେ ଡ଼ହଡ଼ହ ବେଳାଭୂମି,
ତମେ ଦିଅ ଯେବେ ଇଙ୍ଗିତ ମୋତେ
ମୁଁ ଯାଏ ତୁମକୁ ଚୁମି।।

ମୋ ପାଇଁ ନିବୁଜ କଜ୍ଜ୍ବଳ ତମେ
ତମ ପାଇଁ ମୁଁ ଆଶଙ୍କା,
ଆଗ୍ରହ ତମ ଅସଜଡ଼ା ଯେଣୁ
ଅଦୃଶ୍ୟ ମୋ ଭାଗ୍ୟରେଖା।।

ପ୍ରୀତିର ନାଁ ମୋର ସଂଜବତୀ ତମ
ପ୍ରୀତିର ନାଁ ସଂଧ୍ୟାତାରା,
ମୋ ପ୍ରୀତିରେ ଯେଣୁ ସଂଭାବନା ତମ
ପ୍ରୀତିରେ କାମନା ଭରା।।

ସଧବା ମଥାର ସିନ୍ଦୂର ମୁଁ ତମେ
ରଂଗରେ ଭରା ସିନ୍ଧୁ,
ତମ ରଂଗରେ ପଖଳା ମୁଁ ତମେ
ମୋ ମଥାର ନାଲି ବିନ୍ଦୁ।।

❖❖❖

ଚିନ୍ତାମଣିଶ୍ୱର, ବୁଦ୍ଧେଶ୍ୱରୀ,
ଭୁବନେଶ୍ୱର
ଦୂରଭାଷ :୮୨୭୦୩୨୨୪୮୮

# କଲମ

ତ୍ରିଲୋଚନ ଦାସ

କଲମ ଲେଖିଛି କବିମନକଥା
ଛାତି ତଳେ ଯେତେ ବ୍ୟଥା,
କେବେ ସେ ଲେଖିଛି ଖୁସିର ଜୁଆର
କେବେ ଲେଖେ ନୀରବତା ।।
କଲମ ଲେଖିଛି ଅଧିକାର ପାଇଁ
ଜାଳି ବିଦ୍ରୋହର ବହ୍ନି,
ଅମା ଅନ୍ଧକାର ଦୂରେଇ ଦେଇଛି
ଶାନ୍ତିର ସନ୍ଦେଶ ବୁଣି ।।
ମାଆ ମନ କଥା କେତେ ସେ ଲେଖିଛି
ଦରଦୀ ପ୍ରାଣର ସ୍ୱର,
ବାପାଙ୍କ ଆଖିରେ କେତେ ସମ୍ଭାବନା
ଅନୁଶାସନର ଗିର ।।
ଲେଖିଛି କାହାଣୀ ବୀର ସଇନିକ
ଅମର ସହୀଦ କଥା,
ବିରହୀ ପ୍ରିୟାର ଆଶାର ଆକାଶେ
ବେଦନା ବିଧୁର ଗାଥା ।।
ଲେଖୁଛି ଲେଖିବ ଆହୁରି ଅନେକ
ସମାଜର ଚିତ୍ର ଆଙ୍କି,
ଖଡ୍‌ଗଠାରୁ ବଳି ବଳୀୟାନ ସିଏ
ପଡ଼ିବନି କେବେ ଥକି ।।

❖❖❖

ଶ୍ରୀବିହାର, ପୋ/ଜି-ଖୋରଧା
ଦୂରଭାଷ : ୯୮୫୩୫୩୫୦୯୫

# ସମ୍ଭାଷଣ

**ସୁଲେଖା ସାମନ୍ତରାୟ**

ବହୁ ଉନ୍ମାଦନା ମଧ୍ୟେ ଆମନ୍ତ୍ରିତ
ଏକବିଂଶ ଶତାବ୍ଦୀ
ଧୀରେ ଧୀରେ ଚାଲି ତା'ର
କୁନି କୁନି ପାଦ,
ଆଜି ଅନୂଢ଼ା କିଶୋରୀରୁ
ସୁନ୍ଦରୀ ଶୋଡ଼ଶୀ ପୁଣି
ପୂର୍ଣ୍ଣ ଯୌବନା ଯୁବତୀର
ଆକର୍ଷକ ରୂପଧରି
ଧରିତ୍ରୀ ଦୁଆରେ କରେ କରାଘାତ ।

ଦୁଇହଜାର ସତରର ଆଗମନେ
ସାତରୁ ସତର ଅବା
ସତୁରୀ ବର୍ଷର ନରନାରୀ
ଭୁଲି ସବୁ ଦୁଃଖ, ଶୋକ,
କ୍ରୋଧ, ହିଂସା, ମାନ, ଅପମାନ
କେଇକ୍ଷଣ ଲାଗି ହେଉପଛେ
ସହର୍ଷେ ସମ୍ଭାଷଣ ଜଣାନ୍ତି ନୂଆବର୍ଷକୁ
ଆଉ କରନ୍ତି ନାନା ଗୁହାରି
ସକାଳୁ ସକାଳୁ ଭିଡ଼ କରି
ସବୁ ଦେବାଳୟେ ।

କେତେକେତେ ନୂତନ କାମନା
ସହ ସୁଦୃଢ଼ ପ୍ରତିଜ୍ଞା
ଗୁଞ୍ଜରିତ ହୁଏ ଗୀର୍ଜା, ମନ୍ଦିର
ଅବା ମସଜିଦ୍‌ରେ ।
ପୁରୁଣା ଖୋଳପାକୁ ଝାଡ଼ିଝୁଡ଼ି ଦେଇ
ଦେବାଳୟ ସାମ୍ନା ରାସ୍ତାଟିରେ
ନୂଆ ମନ, ନୂଆ ସଂକଳ୍ପ
ଧାରଣ କରି ଘରକୁ ଫେରୁଥିବା
ସବୁ ନରନାରୀ, ସତେ କ'ଣ ନୂତନ ରୂପରେ
ଉଦ୍‌ଭାସିତ ହୁଅନ୍ତି ଏ ଗୋଟିଏ ଦିନର
ଆରତ ପ୍ରାର୍ଥନାରେ !!

ସତେ କ'ଣ ବିଗତ ବର୍ଷର
ବିଷଦାନ୍ତ ସବୁ ଝଡ଼ିପଡ଼େ
ନୂଆବର୍ଷର ନିଶାର୍ଦ୍ଧ ରୋଷଣୀ
ଆଉ ଡ଼ିଜେ ବାଜାର ତାଡ଼ନାରେ !!!

**ଏନ୍- ୧/୩, ଆଇ.ଆର୍. ସି. ଭିଲେଜ୍**
**ଭୁବନେଶ୍ୱର- ୭୫୧୦୧୫**
**ମୋ- ୯୯୩୭୫୬୨୭୫୬**

# ଆଗକୁ ଥରେ ନା ଥରେ

ଅଜୟ କୁମାର ବଳିଆରସିଂହ

ଉରିରୁ ଶୁଭୁଛି ବିସ୍ଫୋଟ ଧମାକା
କେତେ ତୋପ ଗୋଳାବାରି,
ଶହୀଦ୍ ରକତେ ଚାରିଆଡ଼ ଲାଲ
ନଉସେରା ଓ ରାଜୋରୀ ।
ଉମର ଫୟାଜ୍ ମରିବନି ତମେ
ମରଣ ଯିବନି ହାରି,
ମୃତ୍ୟୁ ବିଜୟୀ ତମେ ଅଭିଜିତ୍
କାଶ୍ମୀରର ଯଶ ଶୀରି ।
ମଜହବ୍ ନାମେ ମୁଜାହିଦ୍ଦିନ୍‌ଙ୍କ
ଚାଲିଛି ଅନୁପ୍ରବେଶ,
ଧର୍ମପୀଠ କେତେ ରକ୍ତ ରଂଜିତ
କେତେ ଅନୁଷ୍ଠାନ ଧ୍ୱଂସ ।
ମାଫିଆ ହାତରେ ଦେଶର ମାର୍ଫତ୍
ଶାସକ ସଲାସୁତୁରା,
ନବାଜ୍ ସରିଫ୍ ନିକମା ସାଜିଛି
ଦେଖ ସେନାପତିଆରା ।
ହିଜିବୁଲ୍ ଆଉ ଜୈସ୍- ଇ- ମହମ୍ମଦ
ଏକରୁ ଆରେକ ବଳି,
ଜେହାଦୀ ନାମରେ ଜହ୍ଲାଦ, ଭକ୍ଷକ
କିଏ ବା ପାରିବ କଳି ।
ଶାନ୍ତି ଫେରିବ କାଶ୍ମୀର ଘାଟିରେ
ଇରାକ ଓ ସିରିଆରେ,
ଜେହାଦୀ ଯଜ୍ଞର ଯବନିକା ହେବ
ଷ୍ଟ୍ରାଇକ୍ ଦେଖିବ ପରେ ।
ଟ୍ରେଲର୍ ଦେଖିଛ ପଠାନକୋର୍ଟରେ
ଦ୍ୱିତୀୟ ନିଉସେରାରେ,
ଭାରତୀୟ ସେନା ଲଢ଼େଇ ଦେଖିବ
ଆଗକୁ ଥରେ ନା ଥରେ ।

❖❖❖

**କଉଡ଼ିଖଣି, ପୁରୀ**
**ଦୂରଭାଷ :୯୬୬୮୬୮୨୧୯୪**

# ଆସ ପଢ଼ିବା...

ବିଭୂପ୍ରସାଦ ହରିଚନ୍ଦନ

ଆମେରେ ସବୁ ଭାଇ ଭଉଣୀ
ସଭିଏଁ ଛୋଟ ପିଲା
ଆମରି ପାଇଁ କେତେ ଆଇନି
ହେଲାଣି ଭାଇ ଭଲା ।୧।

ଦେଶ ଆମର ଭାରତ ବର୍ଷ
ଗୋଟିଏ ମାଳ ପରି
ସାମ୍ପ୍ରଦାୟିକ ନାମରେ ଆମେ
ହେବାନି ହତଶିରୀ।୨।

ହାତକୁ ହାତ ମିଳାଇ ଭାଇ
ଚାଲିବା ଆମେ ବାଟ
ଦେଶର ଆମେ ନାମ ରଖିବା
ହୋଇଣ ଭଲ ଚାଟ।୩।

ଗାନ୍ଧୀ ମହାତ୍ମା ଜାତିର ପିତା
ଆମେ ତାଙ୍କର ଚେଲା
ଅହିଂସା ଆମ ପରମ ଧର୍ମ
କହି ବୁଲରେ ପିଲା।୪।

ପରିବେଶକୁ ରଖିବା ସଫା
ଗଛ କାଟିବା ନାହିଁ
ଗୁରୁଜନଙ୍କୁ ସମ୍ମାନ ଦେବା
ମିଛ କହିବା ନାହିଁ।୫।

ସରବ ଶିକ୍ଷା ଦେଉଛି ମନ୍ତ୍ର
କହୁଛି ଭଲ କଥା
ସାକ୍ଷର ହେବ ଆମରି ଦେଶ
ମନରୁ ଯିବ ବ୍ୟଥା।୬।

ଛ'ରୁ ଭାଇ ଚଉଦ ବର୍ଷ
ଯେତେ ଅଛନ୍ତି ପିଲା
ରହିବେ ନାହିଁ କେହି ମୂରୁଖ
ଇସ୍କୁଲ ଯିବେ ଭଲା।୭।

ଭୟରୁ ମୁକ୍ତ,ଦେୟରୁ ମୁକ୍ତ
ହୋଇଲା ଆମ ଶିକ୍ଷା
ଭଲ ପଢ଼ିବୁ, ଦେଶ ଗଢ଼ିବୁ
କହୁଛି ସର୍ବଶିକ୍ଷା।୮।

ଶିକ୍ଷା ଅଧିକାର ଆଇନ ଯୋଗୁ
ଆମେରେ ପିଲା ସବୁ
ରାହା ପାଇଲୁ ସାହା ପାଇଲୁ
ଜଗତ ଜିତା ହେବୁ।୯।

ଭଲ ମଣିଷ ହୋଇବୁ ଆମେ
ସଭିଙ୍କୁ ହେବୁ ସାହା
ଆମରି ଦେଶ ଆମେ ଗ ଢ଼ିବୁ
ଭାରତ ଆମ ମାଆ।୧୦।❖❖❖

ଦୂରଭାଷ-୭୦୭୭୯୮୩୮୪୦

# ଧରମ ଆଖିରୁ ଲୁହଯାଏ ବହି

**ଶାନ୍ତନୁ କୁମାର ଷଡ଼ଙ୍ଗୀ**

ସଂସାରକୁ ପରା ପଶିତ ଆସିଛି
କଳିରତ ପ୍ରାଦୁର୍ଭାବ;
ପାପର ଭାରଟା ସହିତ ପାରୁନି
ନିର୍ଦ୍ଦୋଷ ପାଲଟେ ଶବ ।।
ଧରଣୀ ଦେହଟା ହୋଇଛି ବିଦୀର୍ଣ୍ଣ
ଆଖିରେ ତ ଲୁହଧାର;
ଭୂମିକମ୍ପ ହୋଇ ଧରଣୀ ଦେହରୁ
ଲହୁ ବୁହେ ଝରଝର ।।
ଦୁର୍ଘଟଣା ଘଟି କେତେ ଯେ ମରନ୍ତି
ତାହାର ହିସାବ ନାହିଁ;
କଳିର ପ୍ରବେଶ ସଂସାରକୁ ବିଷ
ଶାନ୍ତି ସଂସାରରେ କାହିଁ ।।
ବିଧର୍ମୀ ମଣିଷ ଡ଼କାୟତ କରି
କରିଛିତ ଧନଠୁଳ;
ଧର୍ଷଣ କରୁଛି ମଣିଷ ମାରୁଛି
ତାପାଖରେ ଲୋକବଳ ।।

ଗୀତା ଛୁଇଁପରା ଶପଥ କରନ୍ତି
ସବୁତ ସତ କହିବୁ;
ମୋଟା ଅଙ୍କରତ ଟଙ୍କା ପାଇଯାଇ
ମିଛରେ କରନ୍ତି ବାବୁ ।।
ଫଟା ମୃଦଙ୍ଗକୁ ଜଡ଼ାତ ଗାୟକ
ଛୋଟୀତ ନାଚୁଛି ପରା;
ଅବୁଝା ରାଜାକୁ ପାଳବିଣ୍ଡା ମନ୍ତ୍ରୀ
ଛାଇକୁ କୁହନ୍ତି ଖରା ।।
ଧରମ ଦେବତା ଏହିସବୁ ଦେଖି
ଆଖିରୁ ବୁହେତ ଲୁହ;
ସଂସାରଟା ହେଲା ଛାଇଖରାପରା
ମନରେ ଉଠଇ କୋହ ।।

❖❖❖

**ମହିଳୋ,କାଦୁଅପଡ଼ା, ଜଗତ୍‌ସିଂହପୁର**
**ଦୂରଭାଷ :୯୨୩୮୯୬୪୬୯୦**

# ସଞ୍ଜୀ ଆସିବ ନଇଁ

ସୁରଞ୍ଜନ ପାତ୍ର

କାଲି ସକାଳର ସୁରୁଜ ମୋ ପାଇଁ
ଆସିବ କି ଜାଣେ ନାହିଁ
ତେଣୁ ଆଜି ବସି ଜୀବନ ସୂଚୀକୁ
ପଢୁ ଅଛି ଆଗୋ ସହୀ....
ଏଇ ପଥ ଦେଇ କେତେ ତ ଗଲେଣି
ହିସାବ ରଖିଛି କିଏ
ଝରା ଶେଫାଳି ଯେ ହୋଇକି ପାରିବ
ଜୀବନର ସାଥୀ ଟିଏ।
ପାନ୍ଥଶାଳାର ଲେଉଟାଣି ଛାଇ
ଧରିବ କି ସୁଖ ଦେଇ
ଭଜାଣି ସମୟ କେବେ କାହାରିକୁ
ରହି ନାହିଁ ବାଟ ଚାହିଁ
ଏ ଦେହ ବଗିଚା ନୁହେଁ ଚିର କାଳ
ହସୁଥିବ ଗୀତ ଗାଇ।
ମାଟିର ମମତା ହଜିଯିବ ଦିନେ
ସଞ୍ଜୀ ଆସିବ ନଇଁ।

❖❖❖

ନୂଆଗାଁ, ଶିଙ୍ଗାଖୁଣ୍ଟା
ସୋର, ବାଲେଶ୍ୱର-୪୫
ଦୂରଭାଷ -୯୫୮୩୯୩୯୭୫

# ନିବେଦନ

ଉଷାରାଣୀ ଶତପଥୀ

ହେ ନୀଳାଦ୍ରିଶ ନମୋ ନମଃ
ଜଗଦୀଶ ପରଂବ୍ରହ୍ମ
ଶ୍ରୀହରି ମଧୁସୂଦନ
ଜଗନ୍ନାଥ ସ୍ୱାମୀ ନମଃ ।।

ପ୍ରାତଃ ସ୍ମରଣୀୟ ଦେବ
ଇନ୍ଦିରାଧବ ମାଧବ
ଶଙ୍ଖ ଚକ୍ର ଗଦା ପଦ୍ମ
ବନ୍ଦଇ ଚରଣ ପଦ୍ମ ।।

ଗୋବିନ୍ଦ ଗୋପୀବଲ୍ଲଭ
ଅଧର ଚ୍ୟୁତ ପଲ୍ଲବ
କଟୀତଟେ ପୀତବାସ
ଜୟ ଜୟ ଜଗଦୀଶ ।।

ସୁରଙ୍ଗ ଅଧର ଶୋଭା
କୋଟି କାମ ଜିଣି ପ୍ରଭା
ଚିକ୍କଣ କଳା ଶ୍ରୀମୁଖ
ପୂର୍ଣ୍ଣ ଇନ୍ଦୁ ଜଗନ୍ନାଥ ।।

❖❖❖

ମଧୁସୂଦନ ନଗର,ଖୋରଧା
ଦୂରଭାଷ-୯୪୩୯୨୪୩୦୭୮

# ପଞ୍ଚ ମହାଯଜ୍ଞ

**ବଙ୍ଗାଳି ଚରଣ ପତି**

ବ୍ୟାସ ମହାମୁନି ବିଶ୍ୱେ ଶ୍ରେଷ୍ଠଜ୍ଞାନୀ
ତାଙ୍କ ମହାଯଜ୍ଞ ତଥ୍ୟ,
ସୁମଣିଷ ପାଇଁ ଦର୍ଶାଇଅଛନ୍ତି
କରିବା ଜୀବନେ ବ୍ରତ ।୧।

ପ୍ରଥମ ଯଜ୍ଞହିଁ ମାତାପିତା ସେବା
ସେତ ଆମ ଆଦ୍ୟଗୁରୁ,
ବ୍ରହ୍ମା ବିଷ୍ଣୁ ଶିବ ସୃଷ୍ଟି ସ୍ଥିତି ଲୟ
ସେ ଆମର ମହାମେରୁ ।୨।

ଅନ୍ଧ ପିତାମାତା କାନ୍ଧେ ଭାରବୋହି
ଶ୍ରବଣ କୁମାର କାମ,
ଯେ ଶିକ୍ଷା ପାଇଲେ ସେ ଶିକ୍ଷା ଆମର
ଜୀବନରେ ହେଉ ଧର୍ମ ।୩।

ପତିଦେବ ସେବା ନାରୀମାନଙ୍କର
ଦ୍ୱିତୀୟ ଯଜ୍ଞରେ ଗଣା,
ସତୀ ଅନସୂୟା ପତିଦେବ ସେବା
କାହାକୁ ଅବା ଅଜଣା ? ।୪।

ସର୍ବ ଜୀବେ ସମ ଦୃଷ୍ଟି କର୍ମ
ତୃତୀୟ ଯଜ୍ଞେ ନାମିତ,
ନିଜ ମାଂସ ଦେଇ ଛଞ୍ଚାଣ ଜୀବନେ
ରଖି ଉଶୀନର ଖ୍ୟାତ ।୫।

କଳୁ ସହ କେବେ ଦ୍ରୋହ ନ କରିବ
ଚତୁର୍ଥ ଯଜ୍ଞକୁ କହି,
ଦ୍ରୋଣାଚାର୍ଯ୍ୟ ପାଶେ ଦ୍ରୁପଦ ରତନ
ଦଶା ଯାହା ଥିଲା ହୋଇ ।୬।

ବିଷ୍ଣୁଭକ୍ତ ପୂଜା ଶରଣେ ଚାହିଁବ
ପଞ୍ଚମ ଯଜ୍ଞରେ ଖ୍ୟାତ,
ଶବରୀ, ବିଦୁର ଧ୍ରୁବ ପ୍ରହଲ୍ଲାଦ
ସମ୍ବାଦ ଶାସ୍ତ୍ରେ ବିଦିତ ।୭।

❖❖❖

**ବାରିପଦା, ୱାର୍ଡ଼ ନଂ- ୧୭**
**ମୟୂରଭଞ୍ଜ- ୭୫୭୦୦୨**

# ସମ୍ପର୍କ

ସଚ୍ଚି ମହାନ୍ତି

କେବେ ନୂଆ ପୋଖରୀର ଚହଲା ପାଣି ତ
କେବେ ପୁରୁଣା ପୋଖରୀର ଘଷରା ତୁଠ
ସମ୍ପର୍କ...ସମ୍ପର୍କ...।।

କେବେ ସେ ମାଟି ପୁଣି କେବେ ଆକାଶର
ପାଣିର ସେ କେବେ ପୁଣି କେବେ ସେ ଆହ୍ଲାଦର
ବଦଳାଇ ପାରେ ସିଏ ରଙ୍ଗ ପରିପାଟୀ
ନିଜଠୁ ନିଜର କେବେ କାହା ସଙ୍ଗେ କଟି
ଚମକ ଖେଳାଇବାରେ ଜାଗେ ସେ କୁହୁକ
ସମ୍ପର୍କ...ସମ୍ପର୍କ...।।

ସମ୍ପର୍କ ହିଁ ଅଧାଚଲା ବାଟ ସବୁବେଳେ
ଅଧାରୁ ଆରମ୍ଭ ହୋଇ ଅଧାରେ ହିଁ ସରେ
ବେଳେ ବେଳେ ସମ୍ପର୍କର ନିରୁତା ପଣକୁ
ଦିନ ମାସ ବ୍ୟର୍ଥ ବିତେ ଖୋଜି ପାଇବାକୁ
ଏମିତକା ସିଏ ଗୋଟେ ଅବୁଝା ଗଣିତ
ସମ୍ପର୍କ...ସମ୍ପର୍କ...।।

❖❖❖

ଦୂରଭାଷ : ୮୮୯୫୬୨୨୫୭୫

# ରୁଧିର

ଡକ୍ଟର ଲାବଣ୍ୟଚନ୍ଦ୍ର ସାହୁ

ଆକାଶେ ନିବିଡ଼ ଧୂମ୍ର କୁଣ୍ଡଳୀ
ପାଣିରେ କୁମ୍ଭୀର ଆଡ୍ଡା,
ହାଉଲେ ନଉକା ବାହାରେ ନାଉରୀ
ଆଗରେ ବାଲିର ଚଢା ।୧।
ଯେତିକି ଉଠିଛି ଉପରୁ ଉପର
ସେତିକି ପାଇବୁ ଫଳ,
କଂଟକିତ ଏ ଜୀବନ ସରଣୀ
ଅଂଟାରେ ଥିଲେ ବଳ।୨।
ଘର ନୁହେଁ ତୋର ପାନ୍ଥଶାଳା ଏ
କ୍ଷଣିକ ରହଣିପାଇଁ,
କାଲି ଯାହା ଥିଲା, ରାଜାର ଉଆସ
ଆଜି ସେ ମଶାଣି ଭୂଇଁ ।୩।
ଅତ୍ୟାଚରର ଦୈତ୍ୟ ମାତିଛି
ଆହୁତି ଢାଳୁଛି ଲହୁ,
ସେହି ଲହୁରୁ କି ଜନ୍ମ ନେବରେ
ନୂତନ ସୂର୍ଯ୍ୟ ଆଉ।୪।
ଖାତରେ ସଢୁଛି ରୁଗ୍ଣ ମାନବ
ନେଏତୁ ହାତରେ ତୋଳି,
ଜୀବନ ତୋହର ସାର୍ଥକ ହେବ
ଦେ ତୋ ରୁଧିର ଢାଳି। ୫।

❖❖❖

ବସନ୍ତ ବିହାର,ଭୁବନେଶ୍ୱର-୧୮
ଦୂରଭାଷ : ୮୮୯୫୫୪୮୭୧୬୯

# ଫେରି ଆସିବାର ବେଳ

ରାଜେଶ କୁମାର ମୁଣ୍ଡ

ବ୍ୟସ୍ତ ଫଗୁଣର
ବଉଳ ବାସ୍ନାରେ
ବିମୋହିତ ହୋଇ ହଜିଗଲ
ଅଜଣା ପାହାଡ଼ର
କୁହୁଡ଼ିର ଆସ୍ତରଣ ତଳେ।
ଭୂତ ପରି
ପଛେ ପଛେ ଧାଇଁବା ସିନା
ଭାଗ୍ୟରେ ଥିଲା,
ଜାଣିନଥିଲି,
ମୋ ଛଡ଼ା ଆଉ
କେହି ଯାଆନ୍ତିନି
ସେ ଅମଡ଼ା ବାଟରେ।
ମୋ ଡାକ ବି ଶୁଭିଲାନି ତୁମକୁ।
ନିରାଶରେ ଫେରି ଆସିଲି
ପୁରୁଣା ଜାଗାକୁ,
ଯେଉଁଠି
ସ୍ୱପ୍ନର ଉଚ୍ଚାଟ ନାହିଁ କି
ଯନ୍ତ୍ରଣାର ଜଂଜାଳ ନାହିଁ।
ଛାତି ତଳେ ମନ୍ଦିର ନୀରବ,
ଏବେ ଖାଲି ଶବ୍ଦଙ୍କ ଆବହାଓ୍ୱା।
ଅଂଧାରରେ କେବଳ
ଗୋପନରେ ଶୁଭେ
କବିତାର ଛନ୍ଦ,
ବିଗତ ଯନ୍ତ୍ରଣାର ନିର୍ଯ୍ୟାସ।।

❖❖❖

ଧର୍ମଗଡ଼ ସାହିତ୍ୟ ସଂସଦ୍,କଳାହାଣ୍ଡି
ଦୂରଭାଷ :୯୫୮୩୮୪୨୩୨୫

# ଏକା ଏକା ଜୀବନ

**ଖଗେଶ୍ୱର ମହତାବ**

ଏବେ ଗତରେ ପଡ଼ିଗଲଣି
ଏକା ଏକା ଜୀବନ ଜୀଇଁବା
ମାଡ଼ି ପଡ଼ିଲାପରି ଲାଗୁନି ସମୟ
ଆଗ ପରି ଆଉ ଜଣା ପଡୁନି
ଅସହଜ ଲାଗୁନି
ତମର ପାଖରେ ନଥିବା।।
ଅଭ୍ୟସ୍ତ ହେଇଗଲାଣି ନିଜର ହାତ
ଦରକାର ହେଲେ
ଆଉଁସି ଦବାକୁ ନିଜର କପାଳ
ଖୋଜି କାଢିବାକୁ ତରତର ବେଳେ
ଜରୁରୀ କାଗଜ ପତ୍ର
ଜମା ଖାତା, ନିଜର ପୋଷାକ
ଆଉ ଲୋଡ଼ାପଡୁନି କାହାର
ପରଷି ଦେବାକୁ ତମପରି
ଦୁଇବେଳା ଭାତ, ସଜାଡ଼ିବାକୁ ଶେଯ
ବ୍ୟବହାର ଉପଯୋଗୀ ଆସବାବ
ମୋର ବହିଥାକ।।
ଅଭ୍ୟାସରେ ପଡ଼ିଗଲାଣି
ଯେ କୌଣସି କଥାରେ
ବୁଝି ବିଚାରି ନିଷ୍ପତ୍ତି ନେବା
ଆଗପରି ଆଉ ଲୋଡ଼ା ପଡୁନି କାହାର।
ତମ ପରି ସହଯୋଗ କି ପରାମର୍ଶ
ଛାଆଁକୁ ଛାଆଁ କଷି ପାରୁଛି
ନିଜେ ନିଜ ଜୀବନର ଜଟିଳ ଗଣିତ
ସବୁକିଛି ଏବେ ମନେ ହଉଛି
ସହଜ ଯେମିତି ମୋ ପାଠ ବହିର
ଗୀତ, ଗପ କି ମାନସାଙ୍କ।।
ନିଜର ଏକଲାପଣକୁ ସାଥି କରି
ସୁରୁଖୁରରେ ଚାଲି ହେଉଛି
ଦୁର୍ଗମ ବାଟ
ଉପଭୋଗ କରିହେଉଛି ନିଜର
ଚାରିପାଖର ଶୂନ୍ୟତା
ମନ ଇଚ୍ଛାଗପି ହେଉଛି ଦୁଃଖ ସୁଖ
ନିଜେ ନିଜ ସହିତ
ଲାଗୁଛି ମୁଁ ଏବେ ମୋ ଇଚ୍ଛାର
ପ୍ରଭୁ ଓ ମାଲିକ
ତମେ ନଥିବା ବେଳେ ନଇ
ପାହାଡ଼, ଅରଣ୍ୟ, ଆକାଶ
ଦିଗବଳୟ ମୋର ମିତ
ମୁଁ ନିଜେ ମୋର ନିଜ ଲୋକ
ଆପଣା ଭାବରେ ନିଜ ହେପାଜତରେ
ଜୀଉଁଥିବା ଏକଲା ମଣିଷ।।

❖❖❖

**ଖାରବେଳ ନଗର, ଭୁବନେଶ୍ୱର**
**ଦୂରଭାଷ :୯୯୩୭୭୦୮୦୪୨**

# ସମର୍ପଣ

**ଜିତେନ୍ଦ୍ର କୁମାର ନାୟକ**

ସମର୍ପିଣ କରୁଛି ତୁମକୁ,
        ତୁମେ ଦେଇଥିବା ପୂର୍ଣ୍ଣତାରେ
ଭରିଥିବା ମୋ ପ୍ରାପ୍ତି ଇଲାକାର ଆଞ୍ଜୁଳାକୁ
ମୋ ମନ ମୌସୁମୀର ଆର୍ଦ୍ରତାରେ
ଶିହରି ଉଠିଥିବା ତୁମ ସ୍ମିତିର ଶିଶିର ବିନ୍ଦୁକୁ ।
ଏବଂ ସମର୍ପିଣ କରୁଛି ତୁମକୁ,
ମୋ ଜୀବନ-ସ୍ୱାତୀ ନକ୍ଷତ୍ରର ସ୍ୱଚ୍ଛ ଆଲୋକକୁ
ମୋ ସମସ୍ତ ଭଲ ପାଇବାର ମୃଦୁବତାସକୁ
ମୋ ସମ୍ଭାବିତ ସ୍ୱପ୍ନଟିକୁ-
ଯାହା ଯାଇଛି ଦୋହଲି
        ତୁମ ଭଲପାଇବାର ବର୍ଷାର ବନ୍ୟାରେ
ଅବା, ତୁମ ବେଖାପ ହୃଦୟର ଆତ୍ମ ସମୀକ୍ଷାରେ ।
ତୁମେ ଏବେବି ରହିଛ ବ୍ୟାପି ମୋ ସଚରାଚରେ
ସବୁ ଅପ୍ରାପ୍ତିରେ ସବୁ ଅତୃପ୍ତିରେ
ଏମିତିକି ପ୍ରତି ସକାଳର ଝ କପରେ,
ତେବେ କୁହ ?
ମୁହୂର୍ତ୍ତେ ଆୟୁଷ ନେଇ
ଆକାଶେ ସଞ୍ଚରିଥିବା କଳା ବାଦଲଟି ପରି
ମୁଁ କଣ ଏମିତି ଅପେକ୍ଷା କରିଥିବି
        ହାତରେ ମୋ ସମର୍ପିତ ଥାଳିଟିକୁ ଧରି
ଆବେଗର ପ୍ରବାଳ ଦ୍ୱୀପରେ... । ❖❖❖

**ସଂପାଦକ,-ପ୍ରୀତିପଦ୍ମା**
**ମହାବୀର କଲୋନୀ,ସାକ୍ଷୀଗୋପାଳ,ପୁରୀ**

# ବଦଳି ଗଲା ମାନଚିତ୍ର

ଶରତ ଚନ୍ଦ୍ର ମହାପାତ୍ର

ତମେ ମୋ ହାତ ଧରିଲା ଦିନ
ବଦଳିଗଲା ମାନଚିତ୍ର
ସବୁ ଅଙ୍କ ଭୁଲ ହୋଇଗଲା
ଯେତେ ସବୁ ପଢ଼ିଥିଲି ପାଠ
ନା ଅଛି ଭୂଗୋଳ, ଇତିହାସ
ବିଜ୍ଞାନ, ସାହିତ୍ୟ
ତମେ ହିଁ ମୋ ବିଦ୍ୟାବୁଦ୍ଧି
ଜ୍ଞାନ ସବିଶେଷ।
ମୁଁ ନାଚ କରେ
ତମେ ଯେବେ ବଜାଅ ଦୁନ୍ଦୁଭି
କେମିତି ନାଚିବିନି ଯେ,
ମୁଁ ପରା ତମ ପଣତରେ ବନ୍ଦୀ।
ପ୍ରିୟାରେ, ଏବେ ଟିକେ ଦୟାକର
ମୁଁ ପାଦ ଉଠାଇଲେ
ଆଉ, ବିଛାଅନି କଣ୍ଟା
ମୁଁ ହାତ ବଢ଼ାଇଲେ
ଆଉ ଦିଅନାହିଁ ଧୋକା
ହେ ମୋ ପ୍ରେମିକା ନାୟିକା
ସତ କହୁଚି
ତମ ବିନା ବଞ୍ଚି ପାରିବନି ଏକା।

❖❖❖

ଏକରୁଖା,ତିପୁରୀକଣାସ,ପୁରୀ
ଦୂରଭାଷ :୯୦୭୮୬୯୭୩୬୨

# ବୋଉ

ଜବାହାରଲାଲ ସୁବୁଦ୍ଧି

ତୁ ମୋ ଶତାୟୁ ବୋଉଲୋ ବୋଉ,
ତୁ ମୋ ଦେବକୀ ତୁ ମୋ ଯଶୋଦା,
ମୁଁ ତୋ ପ୍ରିୟ କାହ୍ନା,
ତୋ କାଳିଆ ସୁନା ମୁଁ।।୧।।
ତୋ ପାଇଁ କଂସ, ମାମୁଁ
ବନ୍ଦୀଘର ମନା,
ତୋ ପାଇଁ ନ ଆସୁ
କେବେ ଅସହ୍ୟ ଯନ୍ତ୍ରଣା
ମୁଁ ତୋ କାଳିଆ ସୁନା।।୨।।
ମନ ପ୍ରାଣ ଦେଇ ତୋ ଦୁଃଖ ଯାତନା
ଦୂର ମୁଁ କରିବି ସିନା।
ଗୋପରେ ଥାଏ କି ମଥୁରାରେ ଥାଏ,
କି ଦ୍ୱାରିକାରେ ରହିଥାଏ।।୩।।
ତୋ କାହ୍ନା ଡ଼ାକ ସଦା
ମୋ କାନରେ ବାଜୁଥାଉ
ମୋ ମନ ପରାଣ,
ସଦା ତୋ ଚରଣରେ ଥାଉ
ମୁଁ ତୋ କାଳିଆ ସୁନା।।୪।।

❖❖❖

ପ୍ରାକ୍ତନ ପ୍ରଧାନ ଶିକ୍ଷକ
ବଡ଼ତୋଟା,ଜଟଣୀ,ଖୋରଧା
ଦୂରଭାଷ :୯୪୩୮୩୫୨୩୭୬

# ବରଷା ରାଣୀ

**ରବୀନ୍ଦ୍ର ଖଣ୍ଡୁଆଳ**

ଗିରୀଷମ ଖରା, ତାପ କମିଲାଣି
ଶୀତଳ ପବନ, ବହିଲାଣି,
ବରଷାରାଣୀର, ଆଗମନ ହୋଇ
ଅମୃତ ବରଷା, ବର୍ଷିଲାଣି। (୧)

ଚନ୍ଦନ ଶୀତଳ, ଧରଣୀମାତାଙ୍କ
ସବୁଜ ବନାନୀ, ହସିଲାଣି,
କଳାମେଘ ଦେଖି, ବିଜୁଳି ଚମକେ
ଘଡ଼ଘଡ଼ି ସାଥେ, ମାରିଲାଣି। (୨)

ଦୂର ପାହାଡ଼ର, ଶୁଖିଲା ଗଛରେ
ଫୁଲ ଫଳ ପତ୍ର, ଭରିଲାଣି,
ପୋଖରୀ ଗଡ଼ିଆ, ନଦୀ ନାଳ ଭରା
ଝରଣାରୁ ପାଣି, ଝରିଲାଣି। (୩)

ଶୁଖିଲା ବିଲରେ, ଧାନ ବୁଣା ଚାଷ
ତଳିପକା, କାମ ସରିଲାଣି
ଚାଳଘର ନୂଆ, ନଡ଼ା ଛପର ଯେ
ଡାହୁକ, ମଣ୍ଡୁକ, ରଡ଼ିଲେଣି। (୪)

ବଗ ଗେଣ୍ଡାଳିଆ ମାଳ ମାଳ ହୋଇ
କ୍ଷେତକୁ ଶୋଭିତ  କରିଲେଣି.
ରଜପର୍ବ ପାଇଁ  ସଜବାଜ ଗାଆଁ
ଦୋଳି, ଗଛ ଡାଳେ ବାନ୍ଧିଲେଣି। (୫)

ବରଷାରେ ଭିଜି ପାଠଶାଳା ଛାତ୍ର
ଘରକୁ ଓଦାରେ ଫେରିଲାଣି,
ଗାଆଁ ଦାଣ୍ଡ ପାଣି, ସୁଅ କାଟିଚାଲେ
କାଗଜ ଡଙ୍ଗା ଯେ, ଭାସିଲାଣି।(୬)

ରଙ୍ଗବେରଙ୍ଗର, ଫୁଲ ଫଳେ ଭରା
ଉପବନ ଶୋଭା, ଦିଶିଲାଣି,
ବରଷାର ମଜା, ଚାଷୀମନ ରଜା
ସଭିଙ୍କୁ ଉଲ୍ଲାସେ, ଭରିଲାଣି। (୭)

❖❖❖

**ଜଟଣୀ**
**ଦୂରଭାଷ :୯୪୩୭୧୧୪୬୫୧**

# ମାନବିକ ମହାଜ୍ଞାନ

ଆଦି ନାରାୟଣ ଖଣ୍ଡୁଆଳ

ନିଜ ହୃଦ ଫେଡ଼ି ନୟନ
ଆତ୍ମା ତୁମ ବିଦ୍ୟମାନ,
ଅଜ୍ଞ ଅହଂକାରେ ମଳିନ ପଡ଼ିଛି
ତୁମେ ତାର ସମାଧାନ।୧।
ଅଜ୍ଞାନ ପରଦା ଖୋଲିଦିଅ ମନୁ
ପଚାର ବିବେକ ଜ୍ଞାନ,
ମୁଁକାର ହୁଁକାର ନିଅ କରି ଦୂର
ଦେଖ ଆତ୍ମା ଚଇତନ୍ୟ।୨।
ନିନ୍ଦା ଅପବାଦ ପରଶ୍ରୀକାତର
ନକର ହେ ଅପମାନ,
ପର ଦୋଷ ଛାଡ଼ି ନିଜ ଦୋଷ ଦେଖ
ଖୋଲି ହୃଦ ଆବରଣ।୩।
ଚୁଗୁଲି, ଟାପରା, ମିଛୁଆ ଲୁଟେରା
କଳଙ୍କିତ କରେ ମନ,
ନକର କଳଙ୍କ ଦିବ୍ୟ ସେ ହୃଦୟ
ପୂତ ସେ ପବିତ୍ର ସ୍ଥାନ।୪।
ସତ୍ୟ ପଥେ ଚାଲ ଶାନ୍ତି, ଦୟା, ପ୍ରେମ
ହୃଦେ ଭରି କ୍ଷମା ଦାନ,
ମାନବିକ ଗୁଣ ସେବା ସହିଷ୍ଣୁତା
ଜୀବନକୁ କରେ ଧନ୍ୟ।୫।
ମନ୍ଦକୁ ଦେଖିବା, ଶୁଣିବା, କହିବା
କ୍ଷୁର୍ଣ୍ଣ କରେ ସନମାନ,
କଳଙ୍କିତ ହୁଏ ହୃଦୟ ଅନ୍ତର
ଅପବିତ୍ର ଅପଘନ।୬।
ମଳୟ ପରଶେ ନାମ ଯେ ଚନ୍ଦନ
ଗୁଣୀ ସଙ୍ଗେ ଗୁଣବାନ,
ଅସାଧୁ ଯେ ସାଧୁ ଫୁଲରୁ ଯେ ମଧୁ
ସୁସଙ୍ଗରୁ ସୁଧୀଜନ।୭।
କୁରାଢ଼ି କାଟଇ ଚନ୍ଦନ ବୃକ୍ଷକୁ
ବାସେ ସେ ବାସ ଚନ୍ଦନ,
ଜ୍ଞାନର ସ୍ପର୍ଶରେ ମୂର୍ଖ ଯେ ପଣ୍ଡିତ
ଜୀବନ ବିବର୍ତ୍ତମାନ।୮।
ବୃକ୍ଷ, ନଦୀ, ଗାଈ ମାଆ ରୂପେ ମହୀ
ମାତୃ ରୂପେ ଅବସ୍ଥାନ,
ନିସ୍ୱାର୍ଥ ସେବା ଓ ଉଦାରପଣତା
ମହାନତା ଅବଦାନ।୯।
ହିଂସାର ଉତ୍ତର ହିଂସା ନୁହେଁ କେବେ
ଅହିଂସା କ୍ଷମାଟି ଦାନ,
କାପୁରୁଷ ନୁହେଁ କ୍ଷମା ଆଚରଣ
ସହିଷ୍ଣୁ ପରମ ଧନ।୧୦।
ଦଣ୍ଡିବାର ଶକ୍ତି ଥାଇ ଯାର ସୁଦ୍ଧା
କରେ କ୍ଷମା ପ୍ରଦର୍ଶନ,
ମାନବିକତା ଏ ମହତ ପଣିଆ
ଧନ୍ୟ ସେ ହୁଅଇ ଜନ ।୧୧।
ମହତ ଜନଙ୍କ ମହତ ଲକ୍ଷଣ
ମହତ ସେ ନିଦର୍ଶନ,
ସମାଜ ମଙ୍ଗଳ କଲ୍ୟାଣରେ ଧ୍ୟାନ
ମାନବିକ ମହାଜ୍ଞାନ।୧୨।

❖❖❖

ରାମଚନ୍ଦ୍ରପୁର ବଜାର,ଜଟଣୀ
ଦୂରଭାଷ : ୯୨୩୮୫୯୨୨୭୭

# ବଂଶୀ ଯେ ଅନୁରାଗୀ....

ଶ୍ରୀବନ୍ତ ପ୍ରସାଦ ପାଣି

ପାହାଡର ବୁକେ ମେଘ ଆସି ଡାକେ
ବତାସକୁ ହାତ ଠାରି,
ସେତ ଦୂରେଥାଇ ଅଳସ ମାରଇ
ଧାଇଁ ଆସେ ଥିରି ଥିରି ।

ବରଷା ସହିତ ବସି ସେ ଯେ ମିତ
ଖୋଜିଥାଏ ଯାହା କିଛି ,
କିଛି ନଥିଲେ ବି ପରାଣ ପୂରବୀ
ମନ ବନାନୀରୁ ବାଛି ।

କିଏ ଥରି ଥରି ଓଦା ଚାଳ ଧରି
ପୋଷେ ମୁଢି ଯାଏ ଖୋଜି ,
ଖୋଜିବାର ସିନା ନୁହେଁ ଆନମନା
ବରଷାରେ ଭିଜିଭିଜି ।

କାହାକୁ କହିବ ବରଷାର ଭାବ
କେବେ ନିଜ ଆଉ ପର,
ପରଖିବାରେ ସେ ସମୀର ସାହସେ
କରେ କେତେ ହରବର ।

ମଥାନତ କରି କରମ ଆଦରି
ପଢ଼ିବାରେ ଯିଏ ଯୋଗୀ,
ତା' ପ୍ରାଣରେ କେବେ ବାଜିବନି ଥରେ
ବଂଶୀ ଯେ ଅନୁରାଗୀ ।

ପ୍ରକୃତିର କୋଳେ ବନ ପାହାଡର
ବରଷା ବତାସ ମିଶି ,
ଦେଇ ପ୍ରାଣ ପ୍ରତି ଜୀବ ଜଗତରେ
କରିଛି ଯେ ସଦା ଖୁସି ।

❖❖❖

ଦୂରଭାଷ : ୯୮୬୧୧୧୯୨୧୯

# ନିଶ୍ୱାସର ବିଶ୍ୱାସରେ

**ବିପିନ ବିହାରୀ ମହାନ୍ତି**

ଆଗାମୀ ପାଇଁ
ସ୍ୱପ୍ନ ଓ ସମ୍ଭାବନା ନେଇ
ଯେତେ ଇଚ୍ଛିଲେ ବି
ହୋଇପାରେ କିଛି ସତ୍ୟ
କିଛି ଅଧୁରା
ଅଥବା କିଛି ସୁଦ୍ ଅନିଶ୍ଚିତ ।।
କେମିତି କହି ଦେବା ଯେ
ଗତସ୍ୟ ଶୋଚନା ନାସ୍ତି !
କେହି କ'ଣ ଭୁଲିଯିବ
ପେଶଓ୍ୱାର ଶିଶୁ ଗଣହତ୍ୟା
ଆସାମରେ ବୋଡ଼ୋଙ୍କ
ନରସଂହାର ଲୀଳା
ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରେ..
ମାଓଙ୍କ ତାଣ୍ଡବ ଖେଳା
ନା' ସୁନାମୀ, ଫାଇଲିନ୍
ଏବଂ ହୁଡ୍ ହୁଡ୍ ପରି ଯେତେ
ସବୁ ବାତ୍ୟା !
ନା' ନିଜ ଲୋକକୁ ହରାଇ ଥିବା
ଦୁଃଖ କେହି ହୃଦୟରୁ
ପାରିବକି ପୋଛି !
କୋଉ ଯନ୍ତ୍ରଣାକୁ କିଏବା କୋଉଠି
ଏବେ ଛାଡୁଥିବ ରଡ଼ି
ଥିବ କାର ଯାତ୍ରା ସମାଧି ଗ ର୍କୁ ତ'
କାର ଚିତା ଶ୍ମଶାନରେ
ଏଇ ମୁହୂ ର୍ରେ ଯାଉଥିବ ଜଳି ।।
କଷଣ, ଧର୍ଷଣ ବଳାତ୍କାର ହତ୍ୟା
ଦୁର୍ନୀତି ରାକ୍ଷସଙ୍କର ଏଠି ପୁଣି ଯାତ୍ରା
ବୁଝେ ନାହିଁ କେହି ଏଠି
ରାମ, ରହିମ, ଯୀଶୁ
କି ମହାତ୍ମାଙ୍କ ବା ର୍ା ।।
ତଥାପି ତ
ହେ ମୋ ପ୍ରିୟ ଜନ
ଆଶା ନେଇ ବଂଚିବାକୁ ହେଲେ
ସଭିଙ୍କୁ ସାଙ୍ଗରେ ଧରି
ଏ ପୃଥ୍ୱୀରେ
ଶାନ୍ତି ଓ ପ୍ରଗତି ପାଇଁ
କାନ୍ଦିବାକୁ ନୋହିଲେ ଲଢ଼ିବାକୁ ହେବ,
ଏମିତିରେ ସବୁ ବିଷବୃକ୍ଷଙ୍କୁ
ମୂଳୋତ୍ପାଟନ କରିବାକୁ ହେବ
ଆସ, ନିଶ୍ୱାସରେ ବିଶ୍ୱାସରେ
ବଂଚିବାରେ ବାନ୍ଧିବା ସାହସ, ଆସ ।।

❖❖❖

**ଓଡ଼ିଶା ଭାଷା ସଂରକ୍ଷଣ ଏବଂ**
**ଗବେଷଣା ପ୍ରତିଷ୍ଠାନ**
**ବିକାଶ ନଗର, ଜଟଣୀ, ଖୋର୍ଦ୍ଧା**
**ଦୂରଭାଷ : ୯୯୩୮୩୪୪୧୩୮**

# କବିତାପାଇଁ କବିତାଟିଏ !

**ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଳ୍ପ)**

ତୁମେ ଘିଅଟିକିଏ କି ଝିଅଟିଏ !
ତୁମେ ନଦୀଟିଏ କିବା ନାରୀଟିଏ !
କିବା ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ?

ଶାଳିନୀ, ମାନିନୀ, କାମୁକା, କାମିନୀ, ଦାମିନୀ, ଶୋଭିନୀ, ରୂପବତୀ
ତୁମେ ରସବତୀ, ତୁମେ ଗୁଣବତୀ, ତୁମେ ଦାମ୍ଭିକା, ତୁମେ ଶୋଭାବତୀ।୦।

ପ୍ରଭାବ ତୁମର ଅଭାବ ହୁଏନା
ସ୍ୱଭାବରେ ତୁମେ ଗରବିଣୀ।
ଆଦ୍ୟ ଆଷାଢ଼ର ମୁକ୍ତାବିନ୍ଦୁ ତୁମେ ସକଳପ୍ରାଣୀର ସାହାଟିଏ !
କିବା ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ? ।୧।

ତୁମେ ନିର୍ଝରିଣୀ, ତୁମେ ପ୍ରସବିନୀ, ଅସହଣୀ ତୁମ ମାଦକତା।
ଯନ୍ତ୍ରଣା ତୁମ ତନ୍ତ୍ରୀ ଛିଡ଼ାଏ ହୃଦେ ହୃଦେ ଆଣେ ସରସତା।
ସରସ ମନରେ ଯାହା ଥାଏ କି'ନା
ସରଗର ତୁମେ ସୋହାଗିନୀ !
ପ୍ରେମ ପାଇଁ ତୁମ ଗବାକ୍ଷ ମୁକୁଳା, ପ୍ରେମକାଙ୍ଗାଳର ରାହାଟିଏ !
କିବା ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ? ।୨।

ତମିସ୍ରାର ବକ୍ଷ ବିଦାରି ଉଠିଲା ଯେ'ଦିନ ପ୍ରେମର ଅନୁଭବ।
ସେଦିନୁ ଭାବୁକ ଭାବୁଛି ତୁମକୁ ଅନୁରାଗେ ପ୍ରେମ-ବୈଭବ।
ବିଭାବ ତୁମର ଯାହା ଥାଉ କି'ନା
ବିଭବରେ ତୁମେ ବିଳାସିନୀ

ଆଶା ଆକାଶର କଳାକର ତୁମେ ଘନନିଦାଘର ଛାୟାଟିଏ !
        କିବା ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ? ।୩।

ଦେଖିଥିଲି ଦିନେ ତମସାର ତୀରେ ଜୁଡ଼ାବନ୍ଧା କେଶବିଥି।
କୁଙ୍କୁମପଙ୍କ କଳଙ୍କିତବକ୍ଷେ କାଂଚନହାର ସିନ୍ଥି।
        କାଂଚଲା ଗରବେ ଫାଟି ପଡୁଥିଲ
                କାଂଚିମୟୀ ସୁହାସିନୀ
ସେଦିନୁ ତୁମର ପ୍ରେମଦାସ ହେଲି ମୋପାଇଁ ରଚିଲ ମାୟାଟିଏ !
        କିବା ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ? ।୪।

ଖୋଲିଗଲା ଜୁଡ଼ା, କାହିଁଗଲା ବ୍ରୀଡ଼ା ଗତିରେ ତ ନାହିଁ ସରସତା।
କର୍କଶ ଭାଷିଣୀ, ବିଦ୍ରୂପ ଚାହାଁଣୀ, ଛୁଆଁ କିବା ବିଛୁଆତି ଲତା।
        କାହିଁକି ଏପରି ସଜାଇ ନିଜକୁ
                ନିଜେ ହେଉଅଛ ହୀନିମାନୀ ?
ପର ପ୍ରେମେ ସିନା ପ୍ରକୃତି ମେଂଟଇ ଦୋଚାରୁଣୀ ହେଲେ ସାହା କିଏ ?
        ତୁମେ ପରା, ନିଥର ମରୁର ଶୁଷ୍କସମୀରେ ଓଏସିସ୍ କୂଳ ଆହାଟିଏ ? ।୬।

❖❖❖

ବେଗୁନିଆ, ଖୋରଧା
ମୋ-୯୪୩୮୭୩୪୮୧୬

# ବରଷା

ଡ.ପ୍ରେମଚନ୍ଦ୍ର ମହାନ୍ତି

ବୈଶାଖ ମାସ ହୁତୁ ହୁତୁ ଖରା
ଜୀବନକୁ କଲା ଘାଇଲା।
ସ୍ଥାବର ଜଙ୍ଗମ, ପାଦପ ରାଜିଙ୍କୁ
ହନ୍ତସନ୍ତ କରି ମାଇଲା।
ଚଷୀ ଭାଇ ଚହେଁ ତରାଟି ତରାଟି
ଶୂନ୍ୟ ହସ୍ତେ ଧରି କଣ୍ଟି
ଗଲାସନେ ଯାହା ଅରଜି ଥିଲା
ସାଇଲାଣି ବାଣ୍ଟି କୁଣ୍ଟି।୨।
ବରଷାର ଧାରା ଯେବେ ବହିଯିବ
ହସି ଉଠିବ ତା ବିଲ
ଜଗତର ମୁଖେ ଆହାର ଦେବାକୁ
ମୁଣ୍ଡରୁ ବହିବ ଝାଳ
ବରଷାରେ ଭିଜା ମାଟିର ମହକ
ଆମକୁ ମଉଜ ଲାଗେ
ଚଷୀ ରହି ଥାଏ ଆଶା, ଆଶଙ୍କାରେ
ଛାତିରେ ଛନକା ପଶେ।
ସାଧବ ବୋହୂର ନାଲି ଗୁଲୁଗୁଲୁ
ଅତି ମନ୍ଥର ଚଲି
କବିର ଲେଖନୀ ରଙ୍ଗ ବହିଯାଏ
ଉପମା ନହୁଏ ଗଣି।
ମଖମଲି ତାର ନାଲି ରଙ୍ଗ ସାଥେ
ତଉଲେ ଚଷୀ ତା ରକତ
ଯେତେ ଭିଜିଲେ କି କରିବା ବତାସେ
ମିଳୁନି ପେଟକୁ ଦୁଇ ବକତ।
ଟପ୍ ଟପ୍ କରି ଝିରି ବହେ ଯେବେ
ନଡ଼ା ଛପରର ପାଣି
ଚଷୀର ଆଖିରୁ ନିଦ ହଜିଯାଏ
ପଡ଼ିଯାଏ ତାକୁ ଭାଳେଣୀ।
ବରଷା, ବିଜୁଳି ସାଥେ ତାଳଦେଇ
ଅମାନିଆ ହୁଏ ରାତି
ଯାଯାବର ଖୋଜେ ଅନ୍ଧୁଣି ହୋଇ
ପାଉଁଶ ତଳର ତାତି।
ବାରମାସ ଯାକ ଆମେ ଖୋଜୁଅଛୁ
ବରଷା ଋତୁର ଠିକଣା
ମଉସୁମୀ ଆଜି ହଜିତ ଗଲାଣି
ଲଘୁଚପ କରେ ଭରଣା।
ବଣର ପବନ, ଫୁଲର ବାସ୍ନା
କେଉଁ କାଳୁ ହଜି ଗଲାଣି
ଯୁଆଡ଼େ ଚହିଁବ ସେଆଡ଼େ ଦେଖିବ
କୋଠା, କାରଖାନା ବିପଣୀ।
ଜଗତ ଚଲଇ ନଜ ନିୟମରେ
ମାନି ଧରାବନ୍ଧା ରୀତି
ମଣିଷ ହୋଇଛି ଅମଣିଷ ଆଜି
ଭାଙ୍ଗଇ ନିୟମ ନିତି।
ଶସ୍ୟ, ଶ୍ୟାମଳା ମଣ୍ଡିତ ହେଉ
ବର୍ଷା ଗୋ ତୋର ପରଶେ
ଶୀତଳ କରିବେ ଉତ୍ତପ୍ତ ଧରାକୁ
ହସ ଖେଳୁ ଜନ ମାନସେ।

❖❖❖

ବିଭାଗୀୟ ମୁଖ୍ୟ (ରାସାୟନ ବିଜ୍ଞାନ)ଏନ.ଏସି
ମହାବିଦ୍ୟାଳୟ ବୁର୍ଲା
ମୋ ୯୪୩୭୧୨୭୮୨୦

# ସକାଲ୍ ଆଏବା

ଆନଂଦ ଚଂଦ୍ର ସାହୁ

ସକାଲ୍ ଆଏବା ପୁତା
ତରା-ପସ୍‌ରା ନେଇଁ ହ'।

ଇ' ସକାଲ୍
ଏନ୍‌ତା ଏକା ଆଏବା
ଯେନ୍‌ତା ଗୁଟେ କ୍ଲାସ୍ ନୁଁ
ଆର୍ ଗୁଟେ କ୍ଲାସ୍ କେ
ଡେଗ୍‌ଲା ବେଲ୍‌କେ
ପରୀକ୍ଷା ଟେ ଅସୁର୍ ମୁହୁଁ ଲଗେଇ କରି
ରପ୍‌ଟି ଆଏସି
ଆର୍ ତନାର୍ ତନାର୍ କରି ପକାସି
ତମ୍‌କେ ମାନ୍‌କେ।

ଫେରିବାଲା ମାନ୍‌କର
ସଂସାର୍ ଇ'ଟା
ଫେରିବାଲା ମେତାନ୍
ଫେରିବାଲା ହେଇ କରି
ତା'ର ସାମାନ୍ ବିକ୍‌ବାର ବାହାନା ଥି
ସକାଲ୍ ଆଏବା...

ହରୋବଟୋ ନେଇଁ ହ'
ତାର୍‌ସୁକେ ହୁବ୍‌ଡୁବି ପଡ଼ିଯିବା ପୁତା
ଜାନି ହେଇଯିବା।

ଅଂଧାରର୍ ଦର୍‌ହୋ ଥି
ଝମ୍ ଫିକି ହେବା ଯେ'
ସେ ଶବଦ୍ ଥି
ଦୁଲ୍‌ଦୁଲେଇ ଯିବା ଧରତୀ ପୁର୍‌ଥୀ ।

ବାବୁ ରେ !
ହେ' ଫେରିବାଲାର୍ ପାଶ୍‌କେ
ରପ୍‌ଟି ନେଇଁଯିବୁ ପୁତା
ଫେରିବାଲାର୍
ରକମ୍ ରକମ୍ ପୁତ୍‌ଲି ମାନ୍‌କୁ
ଟାମ୍‌ଡ଼ିବୁ ନେଇଁ
କଅଁଲି ହାତ୍ ତୋର୍
ନେଇଁ ସମ୍ଭାଲିପାରେ
ପୁତ୍‌ଲି ମାନ୍‌କର ଦିହିଁର ତାତି
ଅମ୍‌ରେଇ ନେଇଁ ପାରେ
ନିସ୍‌ପତି
କାହିଁ ନି କାହିଁ ରସାନ୍‌ତାଲ୍ ଭିତ୍‌ରେ
ପୁତ୍‌ଲି ମାନକର୍
ରକତ୍ ସର୍‌ସରା
କଲ୍‌ଜା ହଁଡ଼ା, ଧୁକ୍‌ଧୁକି।

ବାବୁରେ, ଜାନି ଥା' !
ବଡ଼େ ହୁସିଆର୍ ହେ' ଫେରିବାଲା

ବିନା ଦୁଷେ ଦୁଷୀ କରିଦେସି...
ହେ' ମାଡ଼େ ଉଜଲ୍ କପାଲ୍ ଠଅଁକେଇ କରି
ବଢ଼େ ଗହକି ସହକି ହେସି।

ବଡ଼ା ଭୁର୍କୁଟି ଜାନିଛେ ବି ସେ
ପୁତ୍‌ଲି ମାନ୍‌କୁ କଥା କୁହାସି
ଚୁଥଲ୍ ପିଟି ପିଟି ମାକର୍ ନଚାସି....
ଧରାନି ଗୁଡ଼ି ବି ଖେଲାସି
କେତେ ରକ୍‌ମେ।

ହେତାର୍ ପାଶ୍‌କେ
ରପ୍‌ଟି ନେଇଁ ଯିବୁ କେଭେ
ଆଏବାର୍ ସମିଆଁ ହେଲେ
ହେ' ଏକା
ତୋର୍ ଦୁଆର୍ କେ ଆଏବା
ଟାଏଟ୍ ପିଟି ପିଟି ତତେ ଡାକ୍‌ବା
ହେତ୍‌କି ବେଲ୍‌କେ ଯାଏ
ସୁତ୍‌ରେ ସୁତ୍‌ରେ ଟାଏଟ୍ ହିଟାବୁ
ଆର୍ ଉଲ୍‌ଗି ଟେ ହେବୁ।

ବନେ କରି ଠଅଁକାବୁ ପୁତା
ଫେରିବାଲାର୍ ଭିତ୍‌ରେ
ମତେ ବି
ଝଲୋ ଝଲୋ ଦେଖି ପାର୍‌ବୁ ।।

❖❖❖

**କାବ୍ୟଗୁମ୍ଫା, ଶାନ୍ତିପଡ଼ା, ବଲାଙ୍ଗିର**
**ଦୂରଭାଷ : ୯୪୩୭୧୫୧୦୬୨**

# ଉଠିବ ହସି ଧରା

ଡକ୍ଟର ବସନ୍ତ କିଶୋର ସାହୁ

ମାଙ୍କଡମାନେ ଭାବିଲେ ଥରେ
ସହର ଯିବେ ବୁଲି
ମଣିଷ ଦେଖି ପଚାରି ଦେବେ
ମନକୁ ତାଙ୍କ ଖୋଲି ।
କହିବେ ତାଙ୍କୁ ତୁମରି ପାଇଁ
ଦୁଃଖ ଯାତନା ଭୋଗୀ
ଉପାସ ଭୋକେ ଜଙ୍ଗଲେ ପଡି
ହେଲୁଣୁ ଆମେ ରୋଗୀ ।।
ଖାଇବା ପାଇଁ ଗୋଟିଏ ଫଳ
ଗଛରେ ଆଜି ନାହିଁ
ଟୋପାଏ ପାଣି ମିଳୁନି କାହିଁ
ଶୋଷ ମାରିବା ପାଇଁ ।
ତୁମରି ପାଇଁ ଜଙ୍ଗଲ ଗଲା
ଶୁଖିବି ଗଲା ଝର
ଆସୁଛି ମାଡି ମହା ବିପ
ଆମକୁ ରକ୍ଷା କର ।।
ଲଗାଅ ଗଛ ଆଣିବ ସିଏ
ଆକାଶେ ଡାକି ମେଘ
ଝରିଲେ ମେଘ ଝରଣା ପୁଣି
ଦେଖାଇବ ତା ବେଗ ।
ଫଳିବ ଫଳ ସବୁ ଗଛରେ
ଜଙ୍ଗଲ ହେବ ଭରା
ଖୁସିରେ ସବୁ ବ ବା ଆମେ
ଉଠିବ ହସି ଧରା ।।❖❖❖

ମୋ : ୯୪୩୭୫୨୬୨୦୧

# ପାଏନ୍

**ଚତୁର୍ଭୁଜ ସାଆନ୍ତ**

ଆକାଶର୍ ଚଚ୍ରା ଥି
ଟହଲି ଟହଲି
ହୁର୍ଗୁନି ହେଇ ଗର୍ଜିଲେ ବାଦଲ୍
ଅନ୍ଧାରର୍ କପ୍ଟା ପିନ୍ଧି
ଆକାଶର୍ ବାରିଆଡୁ
ମଲ୍ମଲି ବିଜ୍ଲି ଆଏଁଖ ମାର୍ସି
କଁଚା ମେଘର୍ ଅଁଡ଼ାଲ୍ ଗୁଡ଼ାନୁ
ଥପୋ ଥପୋ ଥିପ୍ସି ଅମ୍ରୁତ୍।

ଦର୍ମରା ପଲ୍ହାକେ
ସୁଆଁଲି ସୁଆଁଲି
ଆଁଖଲ୍ କୁନେ ତାର୍ ଥମ୍ ଥମ୍
ମୁହେଁ ଚିକ୍ଚିକା ସପନ୍
ଯାଇଛେ ବଖ୍ଲି
ଶାଗ୍ ପଖାଲ୍ ଖିଆ ଚଢ଼େଁ
ମନ୍ ପୁର୍ତି ହସିଧାରେ
ଲହଁପି ଆଏସି
ଭଁଡ଼ାର୍ କୁନାର୍ ମେଘ୍ କେ ଦେଖ୍ି
ସେ ହସି ଥି ଗଢ଼ି ହଉଥିସି
ପିକ୍ଲାଲା ଗଜାର୍ ନୁକୋ ପୁର୍ଥୀ।

ଥାକ୍ ଥାକ୍ ମେଘ୍ ସର୍ଲୁଥିସି
ଆକାଶର୍ ପିଠି ନୁ
ଧର୍ତନୀ ମୁହାଁ
ପଖନର୍ ପଲ୍ଟେନ୍ ବାଘ୍
ନଏଦ୍
ଖଲ୍ ଖଲେଇ ହଁସେ
ଘାଏକେ ଘାଏ
ଲୁସ୍ଲୁସିଆ ଶାଗୁଆ ଅଏଁରା
ଚାରିକୁଡି ଗାଁ
ପାଏନ୍ ନୁରି ନୁରି
ଛପନ୍ କୁଟି ଜୀବ୍
ପାଁକ୍ଲି ପାଁକ୍ଲି
କେଭୁନୁ ଆକାଶ୍ ମୁହାଁ।

ଇନେ ବଏସର୍ ପାଏନ୍
ଥଲ୍ ଥଲ୍
ଇନେ ସୁରିଖିଆ ଦିହେଁ
ମଲ୍ ମଲ୍
ଇନେ ମୁଠେ କାଜେ
କଲ୍ କଲ୍
ନଏଦ୍ ପାଏନ୍ ସାତ୍ ସପନ୍ ଇନେ
ହେ ବୁନ୍ଦେ କେ ଅନ୍ସରି କଲ୍ବଲ୍
ମାଟିର୍ ଆଁ ଭିତ୍ରେ
ହେଲୁଆ ସପନ୍
କୁଢ଼ କୁଢ଼ ମୁର୍ଦାର୍
ଅଧ୍ ନିସ୍ରା ଧାନ୍ଗଛ ସାଖି
ବାଦଲ୍ ତ ଚାଷୀର୍ କପାଲ୍
ହେ ବୁନ୍ଦେ ଲାଗି ଭାଷ୍କୁଟି
କଲ୍ କଲ୍
ହେ ବୁନ୍ଦେ ଥି
ପୁରିଛେ ସଁସାରର୍ ମଙ୍ଗଲ୍ ।।

❖❖❖

**ବିଇଓ. ଅଫିସ, ଟିଟିଲାଗଡ଼**

# ଜଙ୍ଗଲ ରାଜ୍

**ରବୀନ୍ଦ୍ରନାଥ ଶତପଥୀ**

ଜଙ୍ଗଲରେ ଆଜି ବସିଛି ସଭା।
ସବୁ ପଶୁ ପକ୍ଷୀ ସେଠାରେ ଉଭା
'ଜଙ୍ଗଲ ରାଜ' ର ଉଲୁଗୁଣା ନେଇ
ମଣିଷ ଦେଉଛି ଅପମାନ।
ଏହା ବିରୁଦ୍ଧରେ ପଶୁପକ୍ଷୀ
ସବୁ ଆରମ୍ଭ କରିବେ ଅଭିଯାନ।

ବାଘଟା କହିଲା ଆମ ବିରାଦର
ମାରନ୍ତି ସେତିକି ଯେତେ ଦରକାର
ପେଟ ପୂରିଗଲେ
ଜମା ଆମେ ବୁଲି ଚାହିଁବୁନି
ମଣିଷ ପିଲାଟି ପିଠି ପାଖେ ଆମ
ଦେହ ଘଷି କରି ଚାଲି ଗଲେ
ମିରିଗ ମଇଁଷି ସଭିଏଁ କହିଲେ
ପୂରା ସତକଥା।
ବାଘ ରାଜା ଯାହା କହିଲେ
ମଣିଷ ପ୍ରକୃତି ସଂପୂର୍ଣ୍ଣ ଓଲଟା।

ପେଟତ ଅପୁରା ଗାଡ଼
ଯେତେ ଖାଇଲେ ବି ଜମାରୁ ପୂରୁ ନି
ଦରାଣ୍ଡି ଚାଲିଛି ଟଙ୍କା, ସୁନା, ରୁପା
ମଣିଷ ରକତ ମାଉଁସ ହାଡ଼
ଭାଲୁ ପଚାରିଲା କହିଲ ଭାଇ
ଆମ ଦୁଷ୍କର୍ମ ଜାଣିଛ କେହି
ସଞ୍ଜମୀ ଆମେ ମଣିଷଠୁ ବଳି
ଆମ ଯୌନାଚାର ବଂଶ ବୃଦ୍ଧି ପାଇଁ
ବୟସ, ସମୟ ସବୁ ଉପଯୁକ୍ତ
ଟିକେ ବ୍ୟତିକ୍ରମ ସେଥିରେ ନାହିଁ।

ବିଲୁଆ କହିଲା ମଣିଷ କଥା
ଶୁଣି ଦେଲେ ଘୁରି ଯାଉଛି ମଥା
ସବୁ ମଣିଷର ଯୌନ ଆଚରଣ
ଅତି ବିଶୃଙ୍ଖଳ, ଘୃଣିତ କାର୍ଯ୍ୟ
ମନେ ମନେ ଭାବେ
ସବୁ ସମୟରେ ଯୌନାଚାର
ଆଉ ବଳାତ୍କାର
ସତେ ବା ରହିଛି
ତା ପାଇଁ ହୋଇ ଧାର୍ଯ୍ୟ।

ଆଲୋଚନା ଶୁଣି ଜଙ୍ଗଲ ରାଜା
କହିଲେ ଶୁଣ ସବୁ ପରଜା
ଉତ୍ତମ ଆମର ରାଜ୍
ମଣିଷ ସମାଜ ଆମର ରାହାକୁ
ନେବଯେବେ କେବେ ଆପଣେଇ
ଶାନ୍ତ ହୋଇ ଯିବ ସାରା ଦୁନିଆଟା
ମଣିଷକୁ ଏହା ଦିଅ ବୁଝାଇ।

❖❖❖

**ଟାଙ୍ଗିଆପଡା, ଖୋର୍ଦ୍ଧା**

# ଗତିରୋଧ

**ଜୟଶ୍ରୀ ପଟ୍ଟନାୟକ**

ଶତଚେଷ୍ଟା କରି ତୁମେ କଣ ଗତିରୋଧ
କରିପାରିବ ନାଚି ନାଚି ବହି ଯାଉଥିବା
ନିର୍ଝରିଣୀର ବାଟକୁ କୁଳୁ କୁଳୁ ନାଦରେ
ବହି ଯାଉଥିବା ଅମାନିଆ ନଈକୁ
ପ୍ରକୃତି କୋଳରେ ଧସେଇ ପଶିଥିବା
ଅଣଚାଶ ପବନକୁ, ବନ୍ୟା ବିଭୀଷିକାରେ
ଉଦ୍ଧତ ହୋଇ ପଡୁଥିବା ନଈର ଗତିପଥକୁ
ପ୍ରେମରେ ଉନ୍ମତ୍ତ ହୋଇ କୂଳ ଲଂଘୁଥିବା
ଜୁଆରକୁ, ବାଦଲଫଟା ବର୍ଷାରେ
ସାତମେଘ କୁ ନେଇ ଉଛୁଳି ଆସୁଥିବା
ବେଗମତୀ ନଈ ସୁଅକୁ ?
ବିଶ୍ୱାସକୁ, ଆସ୍ଥାକୁ, ପ୍ରତୀକ୍ଷାରେ ଭାରାକ୍ରାନ୍ତ ହୋଇ
ପଡୁଥିବା ମନକୁ, ଅବୋଧ ଶିଶୁ ପରି
ବୁଝେଇ ଚାଲିଥିବା ମୁହୂର୍ତ୍ତ ମୁହୂର୍ତ୍ତର
ନିଃଶ୍ୱାସ ମାନଙ୍କୁ, ତୁମ ପଦିଏ କଥାରେ
ଭାଙ୍ଗି ପଡୁଥିବା ବିଶ୍ୱାସର ସୌଧକୁ
କୁହୁଡ଼ିରେ ଜଳି ପଡୁଥିବା ମନ ପଦ୍ମବନକୁ
ଆଖି ବନ୍ଧ ଭାଙ୍ଗି ଝରି ଆସୁଥିବା ଲୁହ
ମାନଙ୍କୁ ନା ଛାତିଚିରି ବାହାରି ଆସିଥିବା
ଦୀର୍ଘଶ୍ୱାସ ମାନଙ୍କୁ କାହାକୁ ? କାହାକୁ ?
କାହାର ଗତିପଥକୁ ରୋକି ପାରିବ ?
ବହି ଯାଉଥିବା ନଈ ପରି ତ ସବୁ ନିଜ
ଧର୍ମରେ ଅଟଳ ।ଏମାନଙ୍କ ଗତି
ରୋଧ କରିବାକୁ କିଏ ବା ହେବ ସମର୍ଥ ?

**ମଧୁସୂଦନ ନଗର, ଜଟଣୀ**
**ଦୂରଭାଷ :୯୪୩୮୩୬୮୯୭୬**

# ଭାଙ୍ଗିଦେବା ତାର ଅଣ୍ଟା

**ବୀରେନ୍ କୁମାର ବେହେରା**

ସାମ୍ରାଜ୍ୟବିସ୍ତାର ନୀତି ଆପଣେଇ,
ଚିନ୍ ଧମକ ଦିଏ !
ଆମର ସୀମାରୁ ଆମେ ହଟିବାକୁ,
ଧମକରେ ନିତି କୁହେ ! !
ବାଷଠି ଯୁଦ୍ଧ ମନେପକାଇ ସେ,
ଅତୀତ ବଖାଣି ବସେ !
ଏବେ ର ଭାରତ ମହାଶକ୍ତି ବୋଲି,
ତା ଆଖିକୁ ନ ଦିଶେ ! !
ପରମାଣୁ ଶକ୍ତି ଅଧିକାରୀ ଆମେ,
ସମ୍ମାନ କରଇ ବିଶ୍ୱ !
ବିଶ୍ୱରେ ଆମର ପ୍ରଶଂସା ଦେଖି ବି,
ମଣେ ସେ ଆମକୁ ନିଃସ୍ୱ ! !
ତାର ଅର୍ଥନୀତି ହେଉଛି ସୁଦୃଢ଼,
ଭାରତ ବଜାର ପାଇଁ !
ତାର ଜିନିଷକୁ ନକିଣିଲେ ଆମେ,
ସେ ଆଗେଇ ପାରିବ ନାହିଁ ! !
ଚାଇନା ଜିନିଷ କରିବା ବର୍ଜନ,
ଦେବା ଆସ ତାକୁ ପାନେ !
କିଣିବାନି କେବେ ତାହାର ଦରବ,
କହିଦେବା କାନେକାନେ ! !
ଆମ ପ୍ରଗତିରେ ବାଧାଦେବା ପାଇଁ,
ଯିଏ କଲା ହଟହଟା !
ତାର ଅର୍ଥନୀତି କରିବା ଦୁର୍ବଳ,
ଭାଙ୍ଗିଦେବା ତାର ଅଣ୍ଟା ! ! ❖❖❖

**ପୋଷାଇ, ମହାକାଳପଡ଼ା, କେନ୍ଦ୍ରାପଡ଼ା**

# ପ୍ରକୃତି ରାଣୀର ବାର୍ତ୍ତା

**ବେଲେଶ୍ୱର ଯୁଝାରସିଂହ**

ଘଡ଼ି କହୁଥାଇ ପିଲାଙ୍କୁ ସମୟ
କେବେ ନଷ୍ଟ କର ନାହିଁ,
ସମୁଦ୍ର କହଇ ବିଶାଳ ହୃଦୟ
ଗଢ଼ି ତୋଳିବାର ପାଇଁ ।।୧।।

କହଇ ପିମ୍ପୁଡ଼ି ନ ହୋଇ ଗପୁଡ଼ି
କାମକର ନିରଳସେ,
ବୃକ୍ଷ କହେ କର ପର ଉପକାର
ଅତି ଉତ୍ସାହେ ହରଷେ

ସ୍ନେହେ କହେ ମହୀ ସହିବାର ଗୁଣ
ଆଦରି ନିଅ ଜୀବନେ,
ସୂର୍ଯ୍ୟ କହୁଥାଇ ଚିରନ୍ତନ ସତ୍ୟ
ମାନି ଚଳିବ ଭୁବନେ ।।୩।।

ଗୋଲାପ କହଇ ଦୁଃଖ ବେଳେ ସୁଖ
ଅନୁଭବରେ ଉନ୍ନତି
ଦୀପ କହୁଥାଇ ଅନ୍ୟକୁ ଆଲୋକ
ପ୍ରଦାନେ ହୋଇବ ବ୍ରତୀ।।୪।।

ବିଶ୍ୱସ୍ତ ହୋଇବା ବିଶ୍ୱାସ ରଖିବା
ଶ୍ୱାନ କହୁଥାଇ ମାତ୍ର,
ପିକ କହୁଥାଇ ମିଠା କଥା କହି
ହୁଅ ସର୍ବ ପ୍ରିୟ ପାତ୍ର ।।୫।।

❖❖❖

**କବିରାଜ ଚିନ୍ତାମଣି**
**ବିଦ୍ୟାପୀଠ, ନିଜିଗଡ, ତାପଙ୍ଗ**
**ଦୂରଭାଷ : ୯୪୩୯୩୨୨୩୩୦**

# ସୁନା ପିଲା

**ହାଡ଼ିବନ୍ଧୁ ପଣ୍ଡା**

ଭଲ ନ ଲାଗଇ ଗହଣ ଭିତରେ
ଭୁଲିଗଲେ ଶିଷ୍ଟାଚାର
କଟୁ ବ୍ୟଙ୍ଗ କରି ହାସ ପରିହାସ
କିଛି ନ କରିବା କା'ର ।।୧ ।।

ଆଗ୍ରହ ପ୍ରକାଶି ଶୁଣିବାକି ବସି
ସମ୍ଭାଷଣ ସମୟରେ
ମଝିରେ ମଝିରେ ଖୁବ ଭଲ ଆଚ୍ଛା
କହିବାକି ଥରେ ଥରେ ।।୨ ।।

ଜୟ ପରାଜୟ ପ୍ରତିଷ୍ଠା ଗୌରବ
ନ ରଖି ମନେ କିଞ୍ଚିତ,
ସମ୍ମୁଖ ଲୋକର କଥାକୁ ଗୁରୁତ୍ୱ
ଦେଇ ଶୁଣିବା ଉଚିତ ।।୩।।

ପ୍ରକୃତ ପ୍ରଶଂସା କରିଥିଲେ କାର
କଦାପି ସେ ନ ଭୁଲଇ
ମିଛ ପ୍ରଶଂସାରେ କି ଲାଭ ତହିଁରେ
ବଢେଇ ଚଢେଇ କହି ।।୪ ।।

ଆବଶ୍ୟକ ସ୍ଥଳେ ନହେଲେ କାହିଁକି
ନିନ୍ଦା କରିବା କାହାର
ବ୍ୟକ୍ତିକୁ ନ ନିନ୍ଦି ନିନ୍ଦିବା ଉଚିତ
କାର୍ଯ୍ୟାବଳୀକୁ ତାହାର ।।୫ ।।

ପିଲାମାନେ ଏଇ ନୀତି ମାନି ଚଳ
ହୋଇବନି ଆନମନା
ନିନ୍ଦା ଗାଳି ପରିହାସ ତ୍ୟାଗ କରି
ହୋଇବ ଜଗତ ଜିଣା ।।୬ ।।

❖❖❖

**କବିରାଜ ଚିନ୍ତାମଣି ବିଦ୍ୟାପୀଠ,**
**ନିଜିଗଡ, ତାପଙ୍ଗ**
**ଦୂରଭାଷ : ୯୯୩୮୦୧୯୮୫୦**

# ଚଳନ୍ତି ଠାକୁର

**ସତ୍ୟାନନ୍ଦ ବେହେରା**

ବାପା ବୋଉ ମୋର ଚଳନ୍ତି ଠାକୁର
ଦେବତା ପରି ମଣିଷ
ହୃଦୟ କନ୍ଦରୁ ପ୍ରଣତୀ ମୁ ଢ଼ାଳେ...
ଦିନ ରାତି ବାରମାସ
ମାଗେ ତାଙ୍କରି ଆଶିଷ।୦।

କେତେ ଝଡ଼ ଝଞ୍ଜା ଆପଦ ବିପଦ
ସମ୍ଭାଳି ଅଛି ମୋ ମାଆ,
ନର୍କରୁ ଯନ୍ତ୍ରଣା ଅପାଶୋରା କୋହ
ଭୁଲିତ ନପାରେ ତାହା;
ଈଶ୍ୱରଙ୍କ ପାଶେ ସଦା ରଖି ଲୟ...
ହାରି ଯାଇଛି ବୟସ
ମାଗେ ତାଙ୍କରି ଆଶିଷ ।୧।

ସ୍ନେହ ଆଦରରେ କୋଳେଇ କାଖେଇ
ଜାଳନ୍ତି ଆଶା ପ୍ରଦୀପ,
ବୁଦ୍ଧି ଜ୍ଞାନ ଦେଇ ଭଲବାଟେ ନେଇ
କରନ୍ତି ଛୋଟରୁ ବଡ;
ମମତା ବନ୍ଧନେ ଦାନ ପ୍ରତିଦାନେ..
ରଖି ଉଚ୍ଚ ଅଭିଳାଷ
ମାଗେ ତାଙ୍କରି ଆଶିଷ।୨।

ପିତାମାତାଙ୍କର କରୁଥିବି ସେବା
ପ୍ରଭୁଙ୍କୁ କରି ସ୍ମରଣ,
ଦୁଃଖରେ ନହାରି ବିପଦେ ନ ଭାଙ୍ଗି
ତାଙ୍କ ପ୍ରତି ଦେବି ଧ୍ୟାନ;
ରହିଥାଉ ସଦା ଶୁଭ ଅନୁଚିନ୍ତା...
ତାଙ୍କ ହିତ ଉପଦେଶ
ମାଗେ ତାଙ୍କରି ଆଶିଷ।।୩।।

ଯାହା ମୁଁ ମାଗିଛି ସବୁତ ପାଇଛି
ଭୁଲିବି କେମିତି ମୁହଁ,
ଧନ୍ୟ ସେହି ପିତା ଧନ୍ୟ ମୋର ମାତା
ତାଙ୍କ ସମ କେହି ନାହିଁ,
ଶପଥ ମୋହର ଶ୍ରୀଚରଣ ତଳେ
ରଖିବି ତାଙ୍କର ଯଶ
ମାଗେ ତାଙ୍କରି ଆଶିଷ।।୪।।

❖❖❖

**ପ୍ରଧାନ ଶିକ୍ଷକ**
**ନିଆଳ ଉପ୍ରା. ବିଦ୍ୟାଳୟ, ଖୋର୍ଦ୍ଧା**

# ବାପା

**ଡ. ଶରତ କୁମାର ଦୋରା**

ଆଖି ମୁଦିବା ବେଳକୁ
ଛାଇ ତୁମ ଲମ୍ବିଯାଉଛି
ମାଟିରୁ ଆକାଶ ଯାଏ ।
ବାରି ହୋଇ ପଡୁଛି ଦିଗ୍‌ବଳୟ
ରାସ୍ତା ସାରା ପାଦ ଚିହ୍ନ
କରି ଚାଲିଛ ବାଟ ଚାଲିବାର ଗପ
କେବେ ସୁନାର ଫସଲ ହୋଇ
ଲୋଟି ପଡୁଛ ଫଟା ମାଟିରେ ।
ସୁନାବ୍ୟା ନଈ ହୋଇ ବହି ଯାଉଛ
ଧାନ କିଆରୀରେ ।
ମୁହଁ ଦିଶୁଛି ଜକ୍ ଜକ୍
ଭାଗବତର ପ୍ରତିଟି ଧାଡ଼ିରେ ।
ଆକୁଳତାରେ ଛାତି ଆଡକୁ
ବାହୁ ପ୍ରସାରିତ କଲାବେଳେ
ଦିଶୁଛ ସତେ ଯେମିତି
ଭଗବତ ଗାଦୀ ଉପରେ ଈଶ୍ୱର
ତଥାସ୍ତୁ ମୁଦ୍ରାରେ ।
ସ୍ୱପ୍ନ ଭଙ୍ଗ ହୁଏ, ଦିଶେ
ଆଖି ସାରା ଛାପି ଛାପିକା
ଲୁହର ଦାଗ ।

ଅନୁଭବ କରିହୁଏ ପାଦର ଦରଜ
ଛାତି ତଳର ବ୍ୟଥା
ଲେଖା ଚାଲିଥାଏ ହୃଦୟରେ
ଅକୁହା ଜଂଜାଳ କବିତା ।
ସବୁ ଦୃଶ୍ୟ, ଦୃଶ୍ୟାନ୍ତରରେ
ବଂଚିବାର ପ୍ରଲୋଭନ
ମାୟା ମୋହର ଧୂଳି ଖେଳରେ
ଜୀବନର ସମ୍ମୋହନ
କଡ଼ ଲେଉଟାଏ ଏକ୍‌ଲାପଣ ।
ଆଖି ଲାଖି ରହେ, ସଂପର୍କ ଓ
ସୌହାର୍ଦ୍ଦ୍ୟର ସୁଦୀର୍ଘ ସେତୁରେ ।
ଖୋଜେ ତୁମ କଣ୍ଠସ୍ୱର
ନିର୍ଜନତାରେ
କାଳେ ଆଉ କୋଉ ମନ୍ତ୍ରପାଠରେ
ଶିଖେଇ ଦେବ କେମିତି ବାଟ ଚାଲିବାକୁ
ହୁଏ ଅଂଧାରରେ, ଅଜଣା ରାସ୍ତାରେ....

❖❖❖

**ରାଜନୀତି ବିଭାଗ**
**ପି.ଏନ୍ ଅଟୋ କଲେଜ୍, ଖୋର୍ଦ୍ଧା**
**ମୋ-୯୪୩୭୪୨୨୦୦୮**

# ଆଜିର ଉତ୍ତର ଦାୟାଦ

**ପ୍ରହଲ୍ଲାଦ ବାରିକ**

ଗୌରବ ଯାର ଗଗନ ଛୁଇଁଛି
ଏଇସେ ଖୋରଧା ମାଟି
ଲକ୍ଷ୍ୟ ପାଇକର ବକ୍ଷ ରକତେ
ଶିକ୍ତ ଯେ ବୀର ମାଟି ।୧।
ତା ସୁନାମ ପାଇଁ ଜୀବନ ଅର୍ପିଲେ
ବକ୍ସି ମାଧବ ଭାଇ
ଦୁର୍ଦ୍ଦଷା ତାର କହିଲେ ନସରେ
କେବଳ ଚରଣ ପାଇଁ।୨।
ଲୋକ ଦେଖାଣିଆ କରମ କରନ୍ତି
ଶ୍ରଦ୍ଧା ନାହିଁ ହୃଦୟରେ
ଦେଶ ଓ ଜାତିର ସମ୍ପତି ଲୁଟିବା
ଲେଖା ତାଙ୍କ ଜାତକରେ।୩।
ପରର ସମ୍ପତି ଲୁଟିବା ପାଇଁକି
ସତେ କି ତାଙ୍କର ଜନମ
ପର ଉପକାର ପୂଣ୍ୟମୟ ବ୍ରତ
ଭୁଲିଛି ଖୋରଧା ଜନ ।୪।
ନୀତି ଆଦର୍ଶକୁ ଚୁଲିରେ ଜାଳିଲେ
ବୃଥା ତୁମ ବଳିଦାନ
ଖୋର୍ଦ୍ଧା ଉପକାର ସେ କାହୁ କରିବେ
ସ୍ୱାର୍ଥରେ ତାଙ୍କରି ମନ।୫।
ହେ ପଞ୍ଚ ପାଇକେ ସରଗେ ଥାଇ
ଦେଖ ଖୋର୍ଦ୍ଧାର ଦୁର୍ଦ୍ଦଶା
ସ୍ୱାର୍ଥ ପାଇଁ ଏଠି ହାଟ ବସିଅଛି
ମଉଳିଛି ସବୁ ଆଶା।୫।❖❖❖

ଲୋକେଶ୍ୱରପୁର, ଖୋର୍ଦ୍ଧା

# ସମୟ

**ରୀତା ପାଢୀ**

କାହିଁ ଚାଲିଗଲ ସମୟ ତୁମେ
ବିଶ୍ରାମ ତ କଲ ନାହିଁ।
ସୁଖର ଦୁଃଖର ଏହି ସଂସାରକୁ
ପଛରେ ଛାଡିଲ କାହିଁ।।
ସ୍ୱଳ୍ପ ସମୟରେ ଜୀବନରେ କେତେ
ଉତଥାନ ପତନ ଆସି।
ଦେଖା ଦେଇ ପୁଣି ଦୂରେ ଚଳିଯାଏ
ଯେମିତି ହାତରୁ ଖସି।।
ସୁଖ ଦୁଃଖରେ ତ ନାହିଁ ପୂର୍ଣ୍ଣଛେଦ
ଖାଲି ମଧ୍ୟାନ୍ତର ଆଉ ମଧ୍ୟାନ୍ତର
ସୀମିତ ସମୟେ ଯୋଡି ରଖିଥିବା
ହୃଦୟ ସହିତ ହୃଦୟର
କଣ ନେଇ ଆମେ ଆସିଥିଲୁ,
ଅବା କିବା ନେଇ କରି ଯିବା,
ସମ୍ପର୍କ ସହିତ ସମ୍ପର୍କକୁ ଆମେ
ସର୍ବଦା ଯୋଡି ରଖିବା।।

❖❖❖

**ମାର୍ଫତ : ସତ୍ୟ ନାରାୟଣ ପାଢୀ**
**ନବୀନା ବାଗ ଖୋରଧା**
**ଦୂରଭାଷ : ୯୮୬୧୩୨୪୯୧୭**

# ମୋବାଇଲ

**ନମିତାରାଣୀ ରାୟସାମନ୍ତ**

କି ଯୁଗ ହେଲାରେ ମୋବାଇଲ ଯୁଗ
ସମସ୍ତେ ଧଇଲେ ହାତେ,
ମୋବାଇଲ ବିନା ଦିନେ ଦଣ୍ଡେ ଭାଇ
ଚଳିହୁଏ ନାହିଁ ସତେ ।।
ଧନୀ କି ଗରିବ ବୁଢ଼ା ବୁଢ଼ୀ ଯାଏ
ସମସ୍ତେ ଧଇଲେ ହାତେ
ସୁଇଚ ଟିପିଲେ କଥାବାର୍ତ୍ତା ହେଲେ
ମନ ପୂରିଗଲା ସତେ
ଯୁଗ ଥିଲା କାହିଁ ବାରତା ଟିକିଏ ପଠାଇଲା ବେଳେ
ଲାଗୁଥିଲା ଦିନ ଦିନ,
କିଏ ସେ ନିର୍ମାତା ଧନ୍ୟ ସେ ଦେବତା
ତା ପରି ନୁହେଁ କେ ଆନ
ନିମିଷକେ ଯାଏ କେତେ କେତେ ଦୂର
କଳି ହୁଏ ନାହିଁ ମାନ
ଭାରି ଅଦଭୂତ ଲାଗେ ସତେ ଆଜି
ଧନ୍ୟ ତାର ଅବଦାନ
ଦେଶ ବିଦେଶ ଯେ କେତେ ଦୂର ଥିଲା
ସଙ୍କୁଚିତ ହେଲା ତାହା,
ମୋବାଇଲ ଯୋଗେ ଘରେ ବସି ଲୋକେ
ନିକଟେ ପାଇଲେ ରାହା ।
ଏବେ ତ ସୁବିଧା ହୋଇ ଯାଇଅଛି
ଫଟୋ ସହ ହେବ କଥା
ଭାରି ମଜା ଲାଗେ ଏମିତି କଥା ଯେ
ଲାଗେ ନାହିଁ କେବେ ବ୍ୟଥା ।
ଯେତେ ଦୂରେ ଥାଅ ନାହିଁତ ଶୋଚନା
ଲାଗେ ସବୁ ଘର ପରି
ସେଇଠି ଥାଇକି କଣ କରୁଛି
ସବୁ ହୋଇଯାଏ ବାରି ।
ମୋବାଇଲ ଯୋଗେ ବଢ଼ିଲା ଦୁର୍ନୀତି
ବଢ଼ିଗଲା ବଦମାସୀ
ଦୁର୍ମତୀଙ୍କ ଯୋଗୁଁ ସବୁ କଥା ଆଜି
ଖରାପ ହେଲାଣି ବେଶୀ ।
ଭଲ ଚିଜଟିଏ ଭଲ ଉଦ୍ଦେଶ୍ୟରେ
ଲଗାଇଲେ ଭଲ ହୁଏ ।
ମନ୍ଦ ଉଦ୍ଦେଶ୍ୟରେ ଲଗାଇଲେ ତାକୁ
ସବୁ ମନ୍ଦ ହୋଇଯାଏ ।

❖❖❖

**ବ୍ଲକ ଆର,ଇ ଓ କଲୋନୀ ପ୍ରକଳ୍ପ ଉପ୍ରା**
**ବିଦ୍ୟାଳୟ, ଖୋର୍ଦ୍ଧା**

# ସ୍ନେହମୟୀ

**ବସନ୍ତ ମଞ୍ଜରୀ ଦାସ**

ନାରୀ ତୁମେ ସ୍ନେହମୟୀ
ବଳିଷ୍ଠ ବ୍ୟକ୍ତିତ୍ୱ ତୁମ ପ୍ରେରଣାର ଉତ୍ସ
କୋଟି କୋଟି ସନ୍ତାନର ପଥ ପ୍ରଦର୍ଶିକା
ସୃଷ୍ଟିର ସ୍ରଷ୍ଟା, ତେଣୁ ତୁମେ ପୂଜ୍ୟା ଓ ନମସ୍ୟା
ଆନନାରୀ ଆସେ ଯେବେ ପଶି
ତୁମ ମଧ୍ୟକୁ
ଲିଭିବାକୁ କାଣିଚାଏ ମମତା ଆଦର
ଆହା ! ସ୍ନେହର ଆବରଣ ତଳେ
ଏକି ତବ କୁତ୍ସିତ ରୂପ ଶୋଭା
ନିର୍ଯ୍ୟାତନା କଷାଘାତେ
ନବବଧୂ ହୁଏ ପଥଭ୍ରଷ୍ଟା
ସ୍ୱପ୍ନ ଦିଗବଳୟେ ତାର
ସୂର୍ଯ୍ୟାସ୍ତ ହୁଏ ଦୃଶ୍ୟମାନ
ଉନ୍ମୁକ୍ତ କର ଥରେ ପ୍ରେମର ସେ ରୁଦ୍ଧ କୋଠରି
ପ୍ରବାହିତ ହେବ ସେଠି ପିୟୂଷର ଧାରା
ଈର୍ଷାର ଜ୍ୱଳନରେ ଦଗ୍ଧ ତବ ହୃଦୟ କନ୍ଦର
ସ୍ନେହର ଶୀତଳ ସ୍ପର୍ଶେ ହୋଇଯିବ ଧନ୍ୟ
ପ୍ରସ୍ଫୁଟିତ ହେବ ପୁଣି ଶାନ୍ତିର ସୁମନ
ସେଇଥିରେ ତମେ ପୁଣି ସାଜିବ ମହାନ

❖❖❖

**ଗୁରୁଜଙ୍ଗ ପ୍ରାଥମିକ ବିଦ୍ୟାଳୟ,**
**ଖୋର୍ଦ୍ଧା**

# ମାଙ୍କଡ଼

**ଅକ୍ଷୟ ମହାନ୍ତି**

ମାଙ୍କଡ଼ ଗୁଡ଼ାଙ୍କୁ ଡିଆଁ ଶିଖାଇଲ
ଗଛରେ ଡେଇଁଲେ ସିଏ
ପର ଗଛ ଫଳ ଫୋପାଡ଼ିଲା ବେଳେ
କହିଲେ ଆହୁରି ଦେଏ ।
ଯେତିକି ଖାଇଲେ ସେତିକି ଦେଲେ ସେ
ତମେ ହେଉଥିଲ ଖୁସି
ତୁମରି ଆଗରେ ବଳି ପଡୁଥିଲେ
ଗରିବ ଗୁରୁବା ଚାଷୀ ।
ତୁମର ତ ଲୋଡ଼ା ସିଂହାସନଟା
ଯିଏ ବା ଯେଉଁଠି ମରୁ
କିଛି ଦେଖିଲନି ତୁମରି ମାଙ୍କଡ଼
ଲୁଚୁଛନ୍ତି କାହା ଠାରୁ ।
ଯାହାବି ଆସିଲା ଗରିବଙ୍କ ପାଇଁ
ମାଙ୍କଡ଼ ଖାଇଲେ ଲୁଟି
ଯାହାବି ବାଣ୍ଟିଲେ ଗରିବମାନଙ୍କୁ
ସବୁଥିରେ ନେଲେ ବଟି ।
ରାଜା ହୋଇ ତମେ କିଛି ବୁଝିଲନି
ପ୍ରଜା ଏବେ ଆନମନା
ନୂଆ ରାଜା ପାଇଁ ଆଗାମୀ ଦିନରେ
କଲକି ନୂଆ ଯୋଜନା ।
ଦିନରାତି ତମେ ରାଜ ଉଆସରେ
ଅୟସେ କାଟିଲେ ଦିନ
ଧୀରେ ଧୀରେ ଗଡ଼ ନିଲାମ ହୋଇଛି
ସେ ଆଡ଼େ ଦେଲନି ମନ ।
ନେଡ଼ି ଗୁଡ଼ ଯେବେ କହୁଣୀକୁ ଗଲା
ମନରେ ପଶୁଛି ହେଜ
ମାଙ୍କଡ଼ ଗୁଡ଼ାଙ୍କୁ ତାଗିଦ କରୁଛି
କାଳେ ଖସି ଯିବ ରାଜ୍ୟ ।
ହନୁ ଠାରୁ ପାତି ସଭିଏଁ ହୁଗୁଳା
ଖାଇବାରେ ସିଏ ଚୁର
ଦେଖିବାକୁ ଅଛି ରାଜାଙ୍କର ବୋଲ
ମାନୁଛନ୍ତି କେତେ ଦୂର ।
ଯେତେ ବୁଝାଇଲେ ବୁଝିବେନି ତୁମ
ଗରିବ ପରଜା ଆଉ
ମୁହଁ ବୁଲାଇ ସେ କହିଲେଣି ଏବେ
ଭାଷଣ ତୁମର ଥାଉ ।
ଖାଇବାର ମଜା ପାଆନ୍ତି ମାଙ୍କଡ଼
ଛାଡ଼ିକି ପାରିବ ସିଏ
ଦେଖେଇ ଦେବ ସେ ନିଜ କରାମତି
ବଅନ୍ଦ କରିବ ଯିଏ ।
ମାଲିକର ଗୋଇ ଖୋଳି ଦେବ ସିଏ
ଚାପ ଯଦି ବେଶୀ ହୁଏ
ମାନ ସମ୍ମାନକୁ ପଦାରେ ପକାଇ
କାହିଁକି କହିବ କିଏ ?
ଯେମିତି ଚାଲୁଛି ଚାଲୁ ସେହି ପରି
ଭାଷଣବାଜି ବି ଚାଲୁ
ନିଜକୁ ସେବକ କହି ଏ ନେତାଏ
ମାରୁଥାନ୍ତୁ ନିଜ ଗାଲୁ

❖❖❖

ନିର୍ମାଲ୍ୟ ଏନକେଭ, ମହୁରା
ପୋଃ-ଯାଆଁଳା, ଖୋର୍ଦ୍ଧା
ମୋ-୯୯୩୭୪୬୨୫୦୭

# ବୁଢ଼ା ବାପା

ବାସନ୍ତି ପଟ୍ଟନାୟକ

ସେହି ବୁଢ଼ା ବାପା
ଏବେ ବି ଜୀଇଛି
ଯିଏ ହେଉଥିଲା ଘୋଡ଼ା
ତା ପିଠିରେ ବସି
ସବାର ହୋଇଛି
କେବେ ଦେଇନାହିଁ ଭଡ଼ା ।

ସେହି ବୁଢ଼ା ବାପା
କଥା ଶିଖେଇଲା
ଚଲାଇଲା ଧରି ହାତ
ଜହ୍ନକୁ ଦେଖେଇ
ମାମୁ ସେ କହିଲା
ଖୁଆଇଲା ଡାଲି ଭାତ ।

କାନ୍ଧରେ ବସାଇ
ଯାତ ଦେଖାଇଲା
କିଣିଲା କଣ୍ଢେଇ କେତେ
ପୁଅ କେବେ ଛୋଟ ହବ ନାହିଁ ।
ଭାବୁଥିଲା ସିଏ ସତେ ।

ପାଠ ପଢ଼ି ପୁଅ
ବଡ଼ ହୋଇଗଲା
ଚାକିରୀ ବି କଲା ବଡ଼
ପଛେ ରହିଗଲା ବୁଢ଼ା ବାପା ତାର
ଗଣି ହୋଇ ଯାଏ ହାଡ଼ ।
ବୁଢ଼ାଟା ସତରେ

ବଡ଼ ଅସୁନ୍ଦର
କିବା ପରିଚୟତାର
ଆଖିରେ ପରଳ
ପଡ଼ି ଆସିଲାଣି
ବଦଳି ଗଲାଣି ସ୍ୱର ।

ଦାନ୍ତ ଗୁଡ଼ା ତାର
ଝଡ଼ି ବି ଗଲାଣି
ପାକୁଆ ଦିଶୁଛି ସିଏ
ଚମଗୁଡ଼ା ତାର
ନୁଚୁକୁଚୁ ଦିଶେ
ପରିଚୟ ଦେବ କିଏ ?

ସେହି ବୁଢ଼ା ବାପା
ଜରା ନିବାସରେ
ବିତାଏ ଜୀବନ ତାର
ଲୁହ ଗଡ଼ାଇ ସେ
କହେ ତା କାହାଣୀ
ନରମି ଯାଏ ତାର ସ୍ୱର

ବଡ଼ ଘର ଝିଅ
ହାତରେ ଖେଳଣା
ହୋଇଗଲା ପୁଅ ତାର
ଶ୍ୱଶୁରର ସିଏ
ଦିଏ ପରିଚୟ
କିଛି ନାହିଁ ତା ବାପାର ।

ଯେଉଁଠି ରହିଛି
ଭଲରେ ସେ ଥାଉ
କହିଥାଏ ବୁଢ଼ାବାପା
କହୁ କହୁ ତାର
ଗଭୀର ଆଖିରୁ
ଗଡ଼ି ପଡ଼େ ଲୁହ ଟୋପା ।

ବୁଢ଼ୀ ଥିଲେ ସିନା
ବୁଝେଇ ଥାଆନ୍ତା
କିଏ ବୁଝେଇବ ଆଉ
ମନା କରି ଦେଲା
ପୁଅ ନାଆଁଟାକୁ
ଖୋଲି କରି କହିବାକୁ ।

ଯେଉଁ ପୁଅ ମାନେ
ଏମିତି କରୁଛ
ହୋଇଯାଅ ସାବଧାନ
ତୁମ ପୁଅମାନେ
ତୁମକୁ କରିବେ
ସେହି ଭଳି ହୀନିମାନ ।

ଦୁନିଆଁ କହିବ
ଉଧାରକୁ ଆଜି
ବଦଳ ହେଉଛି ଦେଖ
ପୁଅ ବାପା ମାନେ
ବେଳ ଥାଉ ଥାଉଁ
ବୁଢ଼ାବାପା ଠାରୁ ଶିଖ

❖❖❖

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ
ରାଉରକେଲା

# ରାତି ଶୋଇଗଲା ପରେ

ଜ୍ଞାନ ରଞ୍ଜନ ଦାଶ

ରାତି ଶୋଇଗଲେ ମନତ ଶୁଏନା
ହେଉଥାଏ ଖାଲି ବାଇ
ନୀରବତା ତାକୁ ଉପହାସ କରେ
କେମିତି ପାରିବ ଶୋଇ ।...
ଶୂନ୍ୟ ଆକାଶକୁ ଚାହିଁ ବସିଥିବୁ
ଯଉବନ ନିଆଁ ଜାଳି
ରାତି ବଢ଼ିଗଲେ ବେଦନା ବଢ଼ଇ
ହେବ ନାହିଁ ତାକୁ କହି.... (୧)
କେହି ବୁଝିବେନି ତୋ ମନର କଥା
କାହାକୁ କହିବୁ ଖୋଲି
ତୋଫା ଜହ୍ନ ଆସି ମୁରୁକି ହସିବ
ଆକାଶ ଗୋଟାକ ବୁଲି ।
ଶେଯ ବାସି ହେଲେ ମନ ମରିଯିବ
ଗଜରା ମଉଳି ଯିବ
ଥାଉ ଏତେ ଆଉ ବିରହେ ଜଳନା...୩
ସଂସାର ଉଜୁଡ଼ିଯିବ

❖❖❖

ସମ୍ପାଦକ ଅନୁଭବ
ନବୀନାବାଗ , ଖୋରଧା
ମୋ-୯୪୩୭୨୩୨୮୭୩

# ବୋଉ

ରମେଶ ଚନ୍ଦ୍ର ମଙ୍ଗରାଜ

ଜହ୍ନ ଦେଖାଇଛୁ ଲୋରୀ ଶୁଣାଇଛୁ
କୋଳେ କୋଳେଇଛୁ ତୁଉ
ଜନମ ଦେଇଛୁ ଥନ ଖୁଆଇଛୁ
ତୁଉ ପରା ମୋର ବୋଉ ।।୦।।
ତୋ ଆଖିର ନିଦ ହଜେଇ ଦେଇଛୁ
ମୋ ଆଖିର ନିଦ ପାଇଁ
କେତେ ଯତନରେ ମୋତେ ଖୁଆଇଛୁ
ନିଜେ ଉପାସରେ ରହି
ମୋଅ ସୁଖ ପାଇଁ ଦୁଃଖତୁ ସହିଛୁ
କେମିତି ଭୁଲିବି ମୁଁ ।।୧।।
ଜନମ ଦେଇଛୁ...
ଘର ଲେଉଟାଣୀ ଡେ଼ରି ହୋଇଗଲେ
ତୁ ବସିଥାଉ ଚ଼ହିଁ
କୋଟିଏ ଜନମ ନିଅଣ୍ଟ ପଡ଼ିବ
ତୋ ଋଣ ଶୁଝିବା ପାଇଁ
କାନି ପଣତରେ ମୁହଁ ପୋଛି ମୋର
ତୁଉ ଖୁସି ହୋଇଥାଉ ।।୨।।
ଜନମ ଦେଇଛୁ......

❖❖❖

କବି ଓ କବିତା ଭବନ
ମହୁଲା ଅଙ୍ଗରପଡ଼ା ଖୋର୍ଦ୍ଧା
ମୋ-୯୧୭୮୬୨୬୨୮୦

# ଆଖି ସେ ଅୟୁତ ଜନ୍ମର

ଇଂ ସସ୍ମିତା ବେହେରା

ଜୀବନ ଯାକର ବୋଝ ସେ
ମୁଣ୍ଡେଇ ଚାଲୁଛନ୍ତି ଯେ ଚାଲୁଛନ୍ତି,
କେବେ ଥକି ପଡ଼ିନି ତାଙ୍କ ପାଦ
ତାଙ୍କର ହସ ହସ ମୁହଁଟା ଦେଖିଲେ
ଭାସି ଆସେ ତିନିଟି ଯୁଗର ଚାଳିଶା
ସେ ଆଖି ଯୋଡ଼ିକରେ ଖୋଜିପାଏ
ମୋ ପିଲାଦିନର ଅଝଟ ପଣ
ବାପାଙ୍କର ନୀରବତା ଆଉ
ଠାକୁମା'ର ଉଦାହରଣ।
ଇଚ୍ଛା ହୁଏ ଏଇମିତ
ଅନେଇ ରହିବାକୁ
ସେ ଆଖିକୁ ଜୀବନ ତମାମ... ।।
କାନଭାସ୍‌ରେ ଆଙ୍କିହେଲା ପରି
ରୂପ ନିଏ ମୋର ପିଲାଦିନ
ଆଉ ପୁଣି ମୋ ଜେଜେ ମାର
ପ୍ରୀତି ସୁଧା ସମ ଅନାବିଳ ସ୍ନେହ।।
ବାପାଙ୍କର ଆଖି ଦୁଇଟିରେ
ଅନେକ ଥର ହଜିଛି ପୁଣି ପାଇଛି ନିଜକୁ
କେବେ ପୁଣି ଅନିଚ୍ଛାରେ ବୋହିଯାଏ ଲୁହ।
ହେଲେ କର୍ମ ଜଂଜାଳର ଛକିଶୂନ ଖେଳରୁ
ପାରୁନି ଓହରି ଜମା
ସଂପର୍କର ବୁଢ଼ିଆଣୀ ଜାଲର

ସେ ମୁଖ୍ୟ ଗଣ୍ଠିଟି
ଖସିବାକୁ ଆରମ୍ଭ କଲାଣି ,
ମଧ୍ୟମା ଜଣକ କିନ୍ତୁ ନିର୍ଦ୍ଦିଷ୍ଟ ସନ୍ୟାସୀ
ଆଉ ସବୁଠୁ ଛୋଟ ସେ ଖିଅଟି ଦୋଛକିରେ
ଠିଆ ହୋଇ
ଜମାରୁ ପାରୁନି ଜିଣି ଜୀବନ ସମର ସିନା,
ତଥାପି ସେ ଫଟାକାନ୍ଥର ଫାଟକ ଦେଇ...
ପାରିଜାତର ସେ ସୁନ୍ଦର ଉପତ୍ୟକାକୁ
ଅନେଇ ରହିଛି ଅତି ନିର୍ବିକାର ଭାବରେ

❖❖❖

ସୋଲର, ଛତିଆ,ଯାଜପୁର
ମୋ-୯୫୮୩୫୩୭୯୯୦

# କୁନିଝିଅ

ମାନସୀ ସାହୁ

କୁନିଝିଅ ସୁନାପରି,
ବସିଥିଲା ମନ ମାରି ।
ପଚାରିଲି ତାକୁ ମୁହିଁ,
କହ କିସ ହେଲା ସେହି ।
କହିଲା ସେ ମୋତେ ଚାହିଁ,
ଜହ୍ନଧରା ଦିଏ ନାହିଁ ।
ମୁଁ କହିଲି ତାକୁ ଚାହିଁ,
ଜହ୍ନ ଦୂରେ ଅଛି ରହି ।
ଛୁଆ ଧରି ପାରେନାହିଁ,
ମନ ଦୁଃଖ କରୁ କାହିଁ ।
ପାଠ ପଢ଼ି ବଡ଼ ହବୁ,
ଜହ୍ନ ରାଇଜ ବୁଲିଯିବୁ ।
ଜହ୍ନରେ ଅଛି କି ପବନ ପାଣି,
ପରୀକ୍ଷା କରି ପାରିବୁ ଜାଣି ।
କୁନି ଝିଅ ଖୁସି ହେଲା,
ହସିଦେଇ ଚାଲିଗଲା ।

❖❖❖

ଘସିପୁରା,
ମୋ- ୮୦୧୮୦୦୦୪୨୭

# କେଉଁ ଦେବତାଙ୍କୁ ପୂଜିବି

ସୁବୋଧ କୁମାର ଜଗଦେବ

କେଉଁ ଠାକୁରଙ୍କୁ ପୂଜିବି କୁହ ହେ
ଭରଷା ମୋ ପାଉ ନାହିଁ
କେଉଁ ପ୍ରଭୁନାମ ଜପ ମୁଁ କରିବି
ନାମ ମନେ ପଡୁ ନାହିଁ ।।
କେଉଁ ମନ୍ଦିରରେ ଦେବତା ଅଛନ୍ତି
ଠିକଣା ବତେଇ ଦେବ
କେଉଁ କାଷ୍ଠ ଆଉ ପାଷାଣ ପିତୁଳା
ଦେବତାରେ ଗଣା ହେବ ।।
ବଡ଼ ଦେଉଳରେ କାଳିଆ ଠାକୁର
ବଡ଼ ଦିଅଁ ଯେ ବୋଲାଇ
କିନ୍ତୁ ସିଏ ପରା ଭକ୍ତ ଚୁଟିକଟା
ଭକ୍ତଠୁ ଗୋଇଠା ଖାଇ ।
ଶବରୀ ଅଇଁଠା ଖାଇଥିଲା ବୋଲି
ଅଇଁଠା ଖିଆରେ ଗଣା
ମାୟା ମିରିଗକୁ ସୁନା ମୃଗ ଭାବି
ବଣରେ ହୋଇଲା ବଣା
ପାଷାଣକୁ ଛୁଇଁ ନାରୀ ରୂପ ନେଇ
ମୋକ୍ଷ ପ୍ରତି ବୋଲାଇଲା
ବନ୍ଧୁତ୍ୱରେ ଅନ୍ଧ ହୋଇ ବିନାଦୋଷେ
କାଳିକୁ ନାଶ କରିଲା ।।
ଧୋବଣୀ କଥାରେ ପଡ଼ି ମହାପ୍ରଭୁ
ପର ବୋଲି କଥା ହେଲେ
ନିଜ ଭାରିଜାକୁ ସନ୍ଦେହ କରିଣ
ନିଆଁରେ ଠିଆ କରିଲେ ।।
ମାନବ ଜନମ ନେବେ ବୋଲି ପ୍ରଭୁ
ବଡ଼ ଚତୁରିଆ ହେଲେ
ବିନା ଦୋଷେ ପରା ନିଜ ମାମୁ ହସେ
ସାତ ଶିଶୁ ବଧ କଲେ ।
ଗୋପୀଙ୍କ ବସନ ଚୋରୀ କଲେ ବୋଲି
ଚୋରରେ ନାମ ମାଜଣା
ବଇଁଶୀ ତାନରେ ଗୋପୀଙ୍କୁ ମୋହିଣ
ଯାଦୁକର ଭାବେ ଜଣା ।।
ସର ଲବଣୀକୁ ଚୋରି ଖାଉଥିଲେ
ମାନ ମହତକୁ ଛାଡ଼ି
ମା' ଠାରୁ ମାଡ଼ ଗାଳି ଖାଉଥିଲେ
ଇଜତ ମହତ ବୁଡ଼ି
ମାୟାକରି ନିଜ ମାମୁଙ୍କୁ ମାରିଲେ
ଏ କେଉଁ ମହତ ପଣ
ମାଇଁ ସଂଗେ ଲୁଚି ପ୍ରେମ କରୁଥିଲେ
ଏ କେଉଁ ପୁରୁଷ ପଣ
ଦ୍ରୌପଦୀର ଲଜ୍ଜା ନିବାରଣ କଲେ
ବସ୍ତ୍ର ଦେଇ ସତ ସତ
ନିଜ ହସ୍ତେ ନିଜ ବଂଶକୁ ମାରିଲେ
ବଅଂଶ ବୁଡ଼ାରେ ଖ୍ୟାତ ।।
ସେତ ନଟଖଟ ନାଟୁଆ ଠାକୁର
ନାଟକୁ ଲଗାଉଥିଲେ
ସର୍ବ ସୃଷ୍ଟି ବାର୍ତ୍ତା ସର୍ବ ଧ୍ୱଂସ ବର୍ତ୍ତା
ନି ଜାଣିଲା ପରି ରୁହେ ।।

❖❖❖

ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ,
ଖୋରଧା।
ମୋ-୯୮୬୧୦୦୯୭୯୮

# ପିସି ମହାତ୍ମ୍ୟ

ଯଜ୍ଞେଶ୍ୱର କହଲସିଂହ

ଦେଶ ସେବା କଥା
ସେ କାହୁଁ ଜାଣିବେ
ପିସିରେ ଯାହାର ମନ
ପିସି ଦେଇ ଦେଇ
ଫସିଯାଉଛନ୍ତି
କେତେ ଯେ ନୀରିହ ଜନ
ଜାଣେନା କି ପ୍ରଶାସନ ?
ରାଇଜେ ଚାଲିଛି
ପିସି କାରବାର
କିବାରାତି କିବା ଦିନ ।।
ପିସି ପୁଷିକ୍ୟାଟ୍
ପୋଷିଛନ୍ତି ଘରେ
ଅଫିସର, ରାଜନେତା,
ଇନ୍ଦିରା ଆବାସ
ବିଜୁ ପକ୍କାଘର
ବାର୍ଦ୍ଧକ୍ୟ, ବିଧବା ଭତ୍ତା ।
ପୀଡ଼ିତାଙ୍କ ନିରାପତ୍ତା
ପିସି ନ ଫିଙ୍ଗିଲେ
ଲୁହ ପୋଛି ପୋଛି
ହତାଶେ ହଜଇ ଚେତା ।।
ବ୍ଲକ୍ ଦୁଆରେ
ଖଣି ଖାଦାନରେ
ସରକାରୀ ଦପ୍ତରରେ
ପିସିପାଇଁ କେତେ
ନସର ପସର
ଅନୁଭବ ଜାଣିପାରେ
ନଥାଇ ଚାଖଣ୍ଡେ ଭୂଇଁ
କେତେ ପ୍ଲଟ୍, ଫ୍ଲାଟ୍
ବ୍ୟାଙ୍କ୍ ବାଲାନସ୍
ମାଲିକ ଯାଆନ୍ତି ହୋଇ ।।
ଗରିବ ରକତ
ନିଗିଡ଼ା ନଈରେ
ନିଇତି ପହଁରେ ପିସି
ତାକୁ ମୂଳଧନ
କରି ନରାଧମ
ଗଣିତ କଷନ୍ତି ବସି
କେତେ ନୂଆ ଅବତାର
ବୟସ ଗଛରୁ
ଆୟୁଷ ଖସୁଛି
ସବୁଠି ଭୋକିଲା ସ୍ୱର ।।

❖❖❖

ଲୋକିପୁର, ଗଡ଼ମାଣତୀର,
ଖୋର୍ଦ୍ଧା
ମୋ- ୯୯୩୭୪୭୨୧୧୮

# ସ୍ୱପ୍ନର ପ୍ରତିଛବି

ନାରାୟଣ ଦାସ

ନଖିପରି ଝିଅଟିଏ ନଥିଲି ମୁଁ ଦେଖି
ସପନରେ ଦେଖି ମୋର ଅଖିଗଲା ଲାଖି।

ଶରତ ଆକାଶେ ସେତ ନିର୍ମଳା ଜୋଛନା
କା ସଙ୍ଗେ ରୂପକୁ ତାର କରିବି ତୁଳନା।

ଜୋଛନାରେ ଭରିଅଛି ଯେତେ କୋମଳତା
ଗୋଲାପି ଅଧରେ ତାର ସେତେ ନୀରବତା।

ରୂପରଙ୍ଗ ମହକରେ ସେ ଏକ କବିତା
ମନଛୁଆଁ ତନୁମନେ ସେତ ମାଦକତା।

ସାଗର ବେଳାରେ ତାର ଚାଲିହୁଏ ବାରି
ସଖିସଙ୍ଗେ ଦିଶେ ଯଥା ରାଜଜେମା ପରି।

ଅଝଟ କରେନି ନଖି ଆହାର ବ୍ୟଞ୍ଜନେ
ଲାଳସା କେଉଁ ଦ୍ରବ୍ୟରେ ନାହିଁ ଚିନ୍ତେ ମନେ।

କିଏସେ ନିୟତି ତାକୁ ଗଢ଼ିଛି ଏପରି
ସପନରେ ରୂପ ତା'ର ନହୁଏ ପାଶୋରି।

ଧନ୍ୟ ତାର ପିତାମାତା ଧନ୍ୟ ସୃଷ୍ଟି କର୍ତ୍ତା
କେଉଁ ଉପାଦାନେ ତାକୁ ଗଢ଼ିଛି ବିଧାତା।

ଦେଖାତାର ନାହିଁ ଆଜି ଏ ଶୁଭବେଳାରେ
କିଏ ସେ ଠିକଣା ଦେବ ଅଛି କେଉଁଠାରେ।

ଖୋଜି ପାଉନାହିଁ ତାର ସଠିକ ଠିକଣା।

ସଂପାଦକ, କୋଣାର୍କ ସାହିତ୍ୟ ସଂସଦ
ନବୀନାବାଗ, ଖୋର୍ଦ୍ଧା
ମୋ.ନଂ- ୯୪୩୮୦୪୯୫୪୧

# ନାଟକ

ଡା: ଧନେଶ୍ୱର ସାହୁ

ନା- ନାମ ଟ- ଟଙ୍କା କ- କଳା ନଥିଲେ,
ନାଟକ କରିବା ସମ୍ଭବ ନୁହଁଇ କଦାପି
ହେଲେ।
ନାଟ୍ୟକାର,କଳାକାର,ଦର୍ଶକ ଏ ତିନି
ସମିଶ୍ରଣ,
ନିର୍ଦ୍ଦେଶକ ମିଶିଲେ ନାଟକର ସଫଳ
ରୂପାୟନ।
ଜୀବନଟା ଏକ ନାଟକ,
ବିଶ୍ୱ ରଙ୍ଗମଞ୍ଚରେ ଆମେ ସବୁ କଳାକାର।
ନାଟକ ସରିବ,ଶେଷ ଯବନିକା ପଡ଼ିବ।
ସ୍ମୃତି ଚିରଦିନ ପାଇଁ ରହିଯିବ,
ଭଲକାମ ଏ ଦୁନିଆଁରେ ଯିଏ କରିଥିବ।
ଦିନ ଚାଲିଯିବ ଚିହ୍ନ ରହିଯିବ
ସାକ୍ଷୀ ରହି ଯିବ କାଳ ତାର।
ଜୀବନ ନାଟକକେ ପରବର୍ତ୍ତି ଦୃଶ୍ୟ,
କେହି ଜାଣନ୍ତିନି ତା'ଗୁଢ଼ ରହସ୍ୟ।

ଯେଉଁ ନାଟକ କର, ଭଲକର,
ନିଖୁଣ ଅଭିନୟରେ ଦର୍ଶକର ମନ ମୁଗ୍ଧ କର,
ସୁନାମ ରହିବ ସ୍ରଷ୍ଟା ଆଉ ସୃଷ୍ଟିର।

❖❖❖

ପୂର୍ବତନ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା
ମୋ-୯୪୩୭୧୦୭୬୧୩

# ଶାଶ୍ୱତ

ସୌଦାମିନୀ ମହାରଣା

ତୁମକଥା ଯେବେ
ବେଶି ମନେପଡ଼େ,
ନିଜ ଛବି ବଦଳରେ
ଦେଖୁଥିବା ଆଇନାରେ
ବାରବାର ବହୁବାର
ତୁମ ଛବି ଦେଖେ।

ମୁଠାଏ ସପନ
ହୋଇ ତୁମେ ଆସ
ମୋ ଝରକା ଦେଇ,
ମନ ବଗିଚାରେ ମୋର
କଦମ୍ବର ମଧୁଚୋରା
ମହକ ଛୁଟାଇ

ମୋର କ୍ଷୁଦ୍ର ପୃଥିବୀକୁ
ବାସ୍ନାମୟ କରି ମୁହୁର୍ମୁହୁ
ମୋତେ ସମ୍ମୋହିତ କର,
ତୁମର ପ୍ରତିଟି ନିଃଶ୍ୱାସ
ଛୁଇଁ ଛୁଇଁ ଯାଏ
ମୋର ସର୍ବାଙ୍ଗ ଶରୀର।

ତୁମ ସ୍ମୃତି ଝରିଯାଏ
ଆଦ୍ୟ ଆଷାଢ଼ର
ଝରଝର ବର୍ଷାପରି,
ମୋ ଅବ୍ୟକ୍ତ ଯନ୍ତ୍ରଣା
ସବୁ ଆପେ ଆପେ
ଯାଏ ଅପସରି।

କଳ୍ପନାର ସ୍ୱପ୍ନପୁରୀ ଛୁଇଁ ଛୁଇଁ
ମୋ ଆତ୍ମାପକ୍ଷୀ
ଉଡୁଥାଏ ନୀଳନୀଳ ଆଶାର
ଅନନ୍ତ ନୀଳିମାର,
ସ୍ମୃତି ସିକ୍ତ ପକ୍ଷ ତାର
ଉଡୁଥାଏ ଶୂନ୍ୟ ଶୂନ୍ୟ
ମହାଶୂନ୍ୟତାରେ।

❖❖❖

ଅଧ୍ୟକ୍ଷା,
ଇନ୍ଦିରା ଗାନ୍ଧି ମହିଳା ମହାବିଦ୍ୟାଳୟ,
କଟକ

# ଧରମା କଥା

ବାସନ୍ତୀ ଦାସ

ନୀଳନଭ କୋଳେ ନୀଳ ଢେଉ ତଳେ
ଜାତି ଗଉରବ ଧରି
ଆଶାର ଆଲୋକ ଦେଖାଇଲା ଯିଏ
ଅଦମ୍ୟ ସାହସ ଭରି ।
ବିଷାଦଗ୍ରସ୍ତ ସେ ବାରଶ ବଢେଇ
ରଖିଲା ସଭିଙ୍କ ମଥା
ବାର ବରଷର ବାଳକଟି ସିଏ
ଗାଇ ଗଉରବ ଗାଥା ।
ବାରି ବରକୋଳି ଧରି ଆସିଥିଲା
ବାପାଙ୍କୁ ଭେଟିବା ପାଇଁ
ବିଧିର ବିଧାନ ବିପରିତ ହେଲା
ନଫେରିଲା ଜନ୍ମ ଭୂଇଁ ।
ମନ୍ଦିର ଗଢ଼ାର କଳା କଉଶଳ
ବିଧାତାର ବର ଯଥା
ରାତାରାତି ମୁଣ୍ଡି ମାରି କୋଣାରକ
ରଖିଲା ଶିଳ୍ପୀଙ୍କ ମଥା ।
ହେଲେ ପ୍ରତିଶ୍ରୁତି ଥିଲା ତା ସାଥୀରେ
ରହିଲେ ସେ ଦେହଧରି
ରାଜା ମୁଣ୍ଡ କାଟି ବାରଶ ବଢ଼େଇ
ସବୁ ସୁଖ ଦେବେ ସାରି ।
ବାରଶ ମଥାକୁ ରଖିବାକୁ ନିଜେ
ଡେଇଁଲା ସାଗର ଜଳେ
ନୀଳ ସାଗରର ଜଳରାଶି
ତୋଳିନେଲା ତାକୁ କୋଳେ ।

ଧନ୍ୟ ଧର୍ମପଦ ଧନ୍ୟ ତୋ ବୁଦ୍ଧି
ଧନ୍ୟ ଏ ଓଡ଼ିଶା ମାଟି
ଯଦି ବଂଚିଥାନ୍ତୁ କେତେ କୋଣାରକ
ଦେଇଥାନ୍ତୁ ପରା ଭେଟି ।
ମୁଣ୍ଡିତ ମାରିଲା ମନ୍ଦିରର କିନ୍ତୁ
ଯୁଗକୁ ରହିଲା କଥା ।
ଏକା ଧର୍ମପଦ ତ୍ୟାଗର ମହତ୍ୱ
ହୃଦୟକୁ ଦିଏ ବ୍ୟଥା ।
ବିଶୁ ମହାରଣା ତ୍ୟାଗ ବି ଅନେକ
ପୁତ୍ରକୁ ଦେଲେ ସେ ବଳୀ
ଧର୍ମ ପଦ ସାଥେ ବିଶୁକୁ ବି ଆମେ
ଦେବା ଶ୍ରଦ୍ଧା ପୁଷ୍ପାଜଂଳୀ ।

❖❖❖

ଶିଳାଶ୍ରୀ କବିତାୟନ
ଭୀମଟାଙ୍ଗୀ-୧ ଭୁବନେଶ୍ୱର-୨
ମୋ-୯୮୫୩୯୯୩୯୯୩

# ରକ୍ତ

ପ୍ରମୋଦ ପ୍ରଧାନ

କ୍ଷଣ ପ୍ରତିକ୍ଷଣ ବୀଜମନ୍ତ୍ର
ଜୀବନକୁ ଦଉଥାଏ ଆମନ୍ତ୍ରଣ
ଧମନୀରେ ଛନ୍ଦାଛନ୍ଦି
ଅଙ୍କାବଙ୍କା ସ୍ନାୟୁ
ସୂକ୍ଷ୍ମ ତନ୍ତୁରାଣୀ
ଆମ ଜୀବନର ସଜ୍ଞା...
ତାର ଅମୃତ କୋଷରେ
ପୋଷ ପୋଷ 'ରକ୍ତ'
ଅହରହ କରୁଥାଏ ବିଚରଣ।
ବିନା ରକ୍ତରେ ଜୀବନର ଛାୟା
କଳ୍ପନା କରିବା
କେତେ ଯେ ସମୀଚୀନ ?
ଅସମ୍ଭବ ପ୍ରାୟ ଜୀଇଁବା ଉଛନ୍ନ
ଆସ, ସମସ୍ତେ ରକ୍ତ ଛୁଇଁକି
କରିବା ବଜ୍ର ଶପଥ
ତିଳେ ମାତ୍ରେ ନହେବା ସେଥିରୁ ବିପଥ
ଆମ ଜୀବନ ଚକ୍ରକୁ
ବଞ୍ଚେଇବା ପାଇଁ
'ରକ୍ତ' ପରା ମହାଦାନ।

❖❖❖

ଫ୍ରେଣ୍ଡସ୍ କଲୋନି, କଟକ
ଫୋନ୍-୯୪୩୭୧୮୨୭୮୫

# ଭାରତୀୟ

ଶିଶିର କୁମାର ଜେନା

ନିଶ୍ଚୟ କରିଛି ମୁଁ , - ଆଉ କେବେ
ମନ୍ଦିର କି ମସ୍‌ଜିଦ୍ ଯିବିନି
ତୁମେ ବି ନିଶ୍ଚୟ କର ..ଯାଅନି
ଯଦିଓ ବାପା ମାଆ ମୋର ହିନ୍ଦୁ
ମୁଁ ବି ଖାଣ୍ଟି... କିନ୍ତୁ କି ଲାଭ ହୋ..
ଯଦି ମିଳେଇ ନପାରିଲେ ସେ..
ଆମ ମାନଙ୍କୁ.. ଯଦି ଅମୃତ କରିଲାନି
ଅଭଡ଼ା ତାର.. ଆମ ହାତ ମାଁସରେ
ଚରିଥିବା.. ଘୃଣା ଓ ହିଂସାର ବିଷକୁ
ତୁ ଅମୁକ ତୁ ସମୁକ କହି..
ଲଢୁଥିବା ବେଳେ ..
ଥରେ ତ କୁହନ୍ତି ନି..
ରୁହ.. ତୁମେ ଏହି ମାଟିର
ଏଇ ମାଆର..
ଲାଲ ଦିଶୁଥିବା ଗୋଟିଏ ରକ୍ତର
ଧର୍ମରେ କଣ ଅବା ଅଛି ?
ମାନବୀୟ ଧର୍ମରେ ଗଢ଼ା ଏ ପୃଥିବୀ
କିଏ ବା ମାନିଛି...
ମାନିଛ କି ତୁମେ... ?
ମାନବତାର ନକ୍‌ସାକୁ ଫାଡ଼ି
କିଏ ସେ ତିଆରିଛି..
ଜିହାଦ୍‌ର କାରଖାନା...
କିଏ ବୁଣିଛି... ଭେଦ୍ ଭାବର ମଞ୍ଜି

କହିଲ ଥରେ..
କାହା ମନରେ ଶାନ୍ତ ହେଇଛି କି ଘୃଣା
ଶୋଇଛି କି ହିଂସା..
ଥମିଛି କି ଅତୀତରେ ବହିଥିବା...
ଝଡ଼ର ଆବେଗ... ?
ସେଥିପାଇଁ ନିଶ୍ଚୟ କରିଛି
ଜାତି ଧର୍ମର ପରିଚୟ ଚିରି ଦେବି...
ମୋ ଠି ଘୃଣା ନାହିଁ.. ଆତଙ୍କ ନାହିଁ..
ମୁଁ ଚିହ୍ନି ଜାଣିନି କିମ୍ବା ପରଖି ଜାଣିନି...
ରକ୍ତରୁ ମାନବତା...
ମୁଁ ଭାରତମାତାର ସନ୍ତାନ...
ଭାରତୀୟ..।।

❖❖❖

ସାହୁପଡ଼ା, ନମୌଜା,
ଆଳି, କେନ୍ଦ୍ରପଡା
ପିନ୍- ୭୫୪୨୩୧

# ମୋ ଦେଶ

ଦଲ୍ଲୀପ କୁମାର ତ୍ରିପାଠୀ

ଏ ଦେଶ ମୋ ପାଇଁ
ସାଗର ଯାହାର ପାଦ ଧୋଇଦିଏ
ମାଟି ଗଢ଼ି ଦିଏ ନୀଡ଼।
ମୋ ଦେଶରେ ଜନମ ହୋଇଲେ
କେତେ ସୁର ବୀର ନର
ଭାରତ ମାତାର ଲୁହ ପୋଛିବାକୁ
ରକତକୁ କଲେ ପର।
ବିଦେଶୀ ଶାସନରେ ମୁଣ୍ଡ ନୋଇଲେନି
ଡାକ ଦେଲେ ତଡ଼ତଡ଼।।
ମୋ ଦେଶ ଦେଖିଛି ବୀର ସଇନିକ
ବନ୍ଧୁକ ମୁନର ଗୁଳି
ଝାଷୀ ଦେଖେ ନିଜ ଦେହର ଝାଳକୁ
ଶିଙ୍ଗୀ ମାରଇ ଚୂଳି
ଦେଶର ପ୍ରଗତି ପାଇଁରେ ଶ୍ରମିକ
ମାନେ ନି ବତାସ ଝଡ଼।।
ମୋ ଦେଶ କହିଛି ସେନେହ ପୀରତି
ଭଲ ପାଇବାର କଥା
ଅହିଂସା ଲଢେଇ ସେବା ଆପଣାର
ହାରିବାକୁ ଦୁଃଖ ବ୍ୟଥା
ଏକତା ମନ୍ତ୍ରରେ ତୋଳିଦିଅ ସୁର
ତୁମେ ପରା ଫୁଲ କଢ଼ି।

❖❖❖

ମୋ-୯୭୭୭୦୩୫୭୭୮

# ସୁନାର କଦମ୍ବ-ଏକ ସମ୍ଭାବନା

ଡ. ନିରଂଜନ ମହାନ୍ତି

ଡ଼ିଜେ ବାଜୁଛି ଶୀଲାକି ଯଓ୍ୱାନୀ,
ଭୂମିକମ୍ପ ହୁଏ ଭୂମିରୁ ଭୂମା
ମାତାଲ ବରଯାତ୍ରୀ ନାଚନ୍ତି ବେସୁରା
ଆଉ ଏକ ଅତିରିକ୍ତ ବୋତଲ
କାଳେ ଅଧାରେ ଛାଡ଼ିଯିବ ନିଶା।
ସଭିଏଁ ହୋହଲ୍ଲା, ସଭିଏ ମାତାଲ
ଆଉ ମସଗୁଲ ଆତସବାଜି ଧୂଆଁରେ
ଏଠି ସମସ୍ତେ ନାୟକ ଚରିତ୍ରରେ
ନିଭାଉଛନ୍ତି ତାଙ୍କ ପାରିବାପଣ
କା'ର ବିଚ୍ ବଜାରରେ
ଇଜ୍ଜତ ନିଲାମ ହୁଏ
ତ କା'ର କୋମଳ ହୃଦୟରେ
ଶତ ଶରାଘାତ ହୁଏ।
ମଦ ମାଂସର ବନ୍ୟାରେ ଭାସିଯାଏ
ବିଚରା କନ୍ୟାପିତାର ବର୍ଷ ବର୍ଷ ଧରି
ପେଟମାରି ସାଇତି ଥିବା ଧନ।
ଆଧୁନିକ ପରମ୍ପରା ନାଁରେ
ଅସ୍ତବ୍ୟସ୍ତ ସାମାଜିକ ଶୃଙ୍ଖଳା
ଭୀତତ୍ରସ୍ତ ମାନବୀୟ ମୂଲ୍ୟବୋଧ।
ଆଜିର ମୁହୂର୍ତ୍ତ ପରେ ଶାନ୍ତହେବ
ରାଜରାସ୍ତା
ପୂର୍ବବତ ଚଳଚଞ୍ଚଳ ହେବ ମୁସାଫିର
ସଇତାନ କବଳରୁ ସନାତନ
ମୁକ୍ତ ହେବାପରି
ରାସ୍ତାରେ ଜଳିବ ଏଲ୍‌ଇଡ଼ି ଆଲୋକ
ଯେମିତି ସଂଜ ସକାଳରେ କି
ଦିବସ ଯାମିନୀରେ କିଛି ଫରକ ନାହିଁ।।
ସମସ୍ତେ ମସ୍‌ଗୁଲ ଆଧୁନିକ ନାଁ ରେ
ସମସ୍ତେ ସାମିଲ ଏଠି ହିଜ୍‌ବୁଲ ଦଳରେ
ଅପେକ୍ଷା କର ମୁଁ 'ସମୟ'।
ପୁଣି ବର୍ଷା ହେବ
ଫୁଟିବ ସୁନାର କଦମ୍ବ
ଭ୍ରମରିତ ହେବ କୁଞ୍ଜବନ
ସୁରଭିତ ହେବ ଘୁଣଖିଆ ମନ.

❖❖❖

ମଧୁସୂଦନ ନଗର
ଖୋରଧା
ମୋ-୯୪୩୭୧୬୦୩୫୫

# ଆମେ ଯେତେ ଟିକି ଟିକି ..

ପ୍ରେମଶିଳା ରାଉତରାୟ

ଆମେ ଯେତେ ଟିକିଟିକି
କୁନିମୁନିଆ
ଆମ ହାତେ ଗଢ଼ିଦେବୁ
ନୂଆ ଦୁନିଆଁ।
କାଗଜର ଫୁଲଟିରେ
ବାସ ଭରିବୁ
ଇନ୍ଦ୍ରଧନୁ ରଙ୍ଗଆଣି
ହୋଲି ଖେଳିବୁ।
ଜହ୍ନରେ କରିବୁ ଘର
ଭଳିକି ଭଳି
ମଙ୍ଗଳକୁ କରିଦେବୁ
ଶିଳ୍ପନଗରୀ।
ପାହାଡ଼ର ବୁକୁଚିରି
ଆଣିବୁ ଜଳ
ସାହାରାରେ ଫୁଟାଇବୁ
ଗୋଲାପ ଫୁଲ।
ଅନ୍ଧକୁ ଦେବୁରେ ଆଖି
ଖଞ୍ଜାକୁ ଗୋଡ଼
ମୂକ ଓଠେ ଭରିଦେବୁ
ଶବ୍ଦର ଝଡ଼
ଶୋଷଣ ମୁକ୍ତକରିବୁ
ଆମ ସମାଜ
ଅସହାୟ ଦୁଃଖୀ ମୁଖେ
ଭରିବୁ ହସ
ହସି ହସାଇବୁ ଆମ ନୂଆ ଦୁନିଆଁ
ଆମେ ଯେତେ
ଟିକିଟିକି କୁନିମୁନିଆ

❖❖❖

ଦୁର୍ଗାପ୍ରସାଦ, ରାମଚଣ୍ଡୀ,
ଖୋରଧା

# ବାପା

ଅଶୋକ ରାୟସିଂହ

ଦୁନିଆ ଭିତରେ
ଦେଖିଅଛୁ ଯେତେ
କାଠ ପଥରର ଦିଅଁ
ସେ ଦିଅଁ ଭିତରେ
ନିତି ପ୍ରତି ଦେଖୁ
ଆମ ବାପାଙ୍କର ମୁହଁ।।

ବାପାହିଁ ଆମର
କରମ, ଧରମ
ସିଏତ ପରମ ତପ,
ସେହି ଦିବ୍ୟନାମ
ତୁଣ୍ଡେ କଲେ ଜପ
ଦୂର ହୁଏ ପାପ ତାପ।।

ଆମ ପାଇଁ ବାପା
କେବେ ସାଜିଥାନ୍ତି
ଝଙ୍କା ବରଗଛ ଛାଇ
କେବେ ସେ ସଫେଦ
ଝରଣାର ଧାରା
କେବେ ସେ ଉଚ୍ଛୁଳା ନଈ।।

କେବେ ସୁଅ ମୁହେଁ
ପତରଟେ ହୋଇ
ପାତି ଦେଇଥାନ୍ତି ଛାତି
କେବେ କହିଥାନ୍ତି
କାଳିଆ ସାଆନ୍ତ
ତାଙ୍କ ଦୁଃଖ ସୁଖ ସାଥୀ।।

ବାପାଙ୍କର ବାଣୀ
ଲାଗେ ସୁଧା ସୁଧା
ସିଏତ ସୁଧା କଳସ
ତାଙ୍କ ଋଣ କେବେ
ଶୁଝି ହେବନାହିଁ
କଲେ ବି ଶତ ପ୍ରୟାସ

❖❖❖

ଅରବିନ୍ଦ ନଗର, ଖୋରଧା
ମୋ-୯୫୫୬୭୯୩୨୨୪

# କଇଁ

ରାଜ କିଶୋର କେଇ

ଗାଁ ପୋଖରୀର କଇଁ ଫୁଲ ଫୁଟି ଦିଶୁଛି କେଡ଼େ ସୁନ୍ଦର
ବରଷାର ଟୋପା ତାଦେହର ପଡ଼ି ମୋହି ନିଏ ମନ ମୋର
ଅଥଳ ପାଣିରେ ପହଁରି ପହଁରି ତୋଳିବାକୁ ଗଲି କଇଁ
ଘୁଞ୍ଚି ଘୁଞ୍ଚି ଯାଇ କହିଲା ସେ କଇଁ ଏଥର ତୁ ଆସ ନାହିଁ।
କେତେଥର ଭାବେ କଇଁକି ଏଥର ନେଇ ଯିବି ମୋର ସାଥେ
କାହିଁକି ଯେ କଇଁ ମନା କରିଦେଲା ଯିବା ପାଇଁ ମୋର ସାଥେ।
ମନ କଥା ଯେତେ କଇଁକି କହିଲି ହସୁଥିଲା କିରି କିରି
ସତେ ତା ଦେହଟା ବରଷାରେ ତାର ଥରୁଥିଲା ଥିରି ଥିରି।
ତୋଳିବାକୁ ଯେତେ ବଢାଇଲେ ହାତ ଥରି ଯାଏ ତାର ଦେହ
ନିରୁତ୍ତର ହୋଇ ସମ୍ମତି ଜଣାଏ ହସୁଥାଏ ତାର ମୁହଁ।
କହିଲା ଲାଜରେ ସତେ ମୋତେ ନେଇ ସଜାଇବୁ ତୋର ଘର
ଗାଁ କଇଁ ଯେବେ ସହରକୁ ଯିବ ହେବ ଖାଲି ହରବର
ସହରେ ଗୋଲାପ, ମଲ୍ଲୀ, ମାଳତୀ ଓ ଚମ୍ପା କେତକୀଙ୍କ ଭିଡ଼
ଗାଉଁଲିଆ କଇଁ ଦେଖି ମୁହଁ ମୋଡ଼ି ଦେଖାନ୍ତି କେତେ ଯେ ତୋଡ଼।
ରାଣଖାଇ ଦିନେ କହିଲି କଇଁକି ତୋତେ ମୁଁ ତୋଳିନେବି
ସହରରେ ଯାଇ ଚାକିରୀ କଲେ ବି ଗାଆଁରେ ଘର କରିବି।
ଖିଲି, ଖିଲି ହୋଇ ହସିଦେଲା କଇଁ ସୁନ୍ଦର ପାଖୁଡ଼ା ମେଲି
କହିଲା ଏଥର ତୋଳି ନେଇ ଯାଆ ମୁଁ ତୋଅର ସାଥି ହେଲି।
ଶେଷରେ କହିଲା ଗାଆଁ ଯେ ସରଗ ଗାଆଁ ଅଟେ ଆମ ମା
ଏଇଠି ଜନମ ଏଇଠି ମରଣ ସହରକୁ ଯିବା କିଆଁ
ଏନ୍ତୁଡ଼ି ନିଆଁର ପରସ ପାଇଛେ ଜୁଇରେ ଜଳିବା ଦିନେ
ଗାଁଆକୁ କେବେ ହେଁ ପାଶୋରି ଯିବାନି ମନେ ଥିବ ସବୁଦିନେ।

ଗ୍ରାମ-ଚନ୍ଦ୍ରାପୁଟ ପୋ-ବଡ଼କୁଳ
ଭାୟା-ବାଲୁଗାଁ ଜିଲ୍ଲା-ଖୋରଧା
ମୋ-୯୯୩୮୯୭୪୯୬୫

# ହେ, ଗୁରୁଶ୍ରେଷ୍ଠ

ସୁମତୀ ଦେଇ

ତୁମେ ପରା ଗୁରୁ ବ୍ରହ୍ମାବିଷ୍ଣୁ ଆଉ
ଶିବଙ୍କଠୁ ଗରୀୟାନ
ଶୈଶବ କାଳରୁ ଶ୍ରୀଅକ୍ଷର ଶିକ୍ଷା
କରୁ ଇଙ୍ଗିତରେ ତୁମ।
ମୃଣ୍ମୟ ପିତୁଳା ଆମେ ଗୁରୁଶ୍ରେଷ୍ଠ
ତୁମେ କୁଶଳୀ ବିନ୍ଧାଣି,
ଭାଙ୍ଗିଥାଅ ଗଢିଥାଅ ପ୍ରତିକ୍ଷଣେ
ଆମ ଜ୍ଞାନର ସାରଣୀ।
ଉତ୍ତମରୁ ସର୍ବୋତ୍ତମ ଗଢିବାରେ
ଲଭି ଆନନ୍ଦ ଅନେକ
ଆସୁ ଯେତେ ବିଘ୍ନ ସାଧନାରେ ମଗ୍ନ
ଥାଅହେ ଶ୍ରେଷ୍ଠ ସାଧକ।
ପିତା ଗୁରୁ ମାତା ଗୁରୁ ଦୀକ୍ଷା ଗୁରୁ
ଠାରୁ ବିଦ୍ୟାଗୁରୁ ଶ୍ରେଷ୍ଠ,
ଜୀବନର ପଥ ପ୍ରଦର୍ଶକ ସାଜି
ଦେଖାଅ ପଥ ନିର୍ଦ୍ଦିଷ୍ଟ।
ଯେତେ ଉଚ୍ଚାସନ ପଦବୀ ସମ୍ମାନ
ମୂଳେ ତୁମରି ନିଶାନ,
ତୁମରି ଆଶିଷ ବିନା ଏ ଜୀବନେ
ଅଧୁରା ରହେ ସପନ।
ନୁହେଁ ଉପମନ୍ୟୁ ନୁହେଁ ଏକଲବ୍ୟ
ଆରୁଣି ମୁଁଯେ ନୁହଁଇ,
ହେ ଜଗତ ଗୁରୁ ପରାଣ ମୋ ସରୁ
ତୁମ ପଦପଦ୍ମ ଥାୟୀ ❖❖❖

ଅସରଳା,ପିଟୁକୁଳି

# ^ìÛÚC

W.ùiûc^û[aòùhûA

@ûC K'Y
@Qò ù~ Gùa
^ò\ùeKòÊ_Üùe...
\ò^ùeKòeûZòùe...
~ûjû~ûAPÿò, ~ûAPÿò
ZjóKòùgûPÿ^û iûe
~ûjû@ûiePÿò, @ûiòa
ZûKêùeûKòaûKê
gçòKûjûe!

ZòVê
QûWÿaûWÿ ùjaû\ò^ê
ùKùZ fêj ùaûjò
gêLôfûYò@ûLô ]ûeùe
ùKùZ ùKûj CVò
[òfûYòQûZò `ûùe...

ZòVê QûWÿaûWÿ ùjaû\ò^ê
@ûCA¦â]^ê ù\Lô^ò @ûKûgùe
aM_lú CWê^ûjûkò ùdNZùk...
@Sûe_jñeêPÿò QûZòeQKûùe...
eûZòùe, \ò^ùeö ❖❖❖

Wòwe, ùLûe]û
ùcû-8342015084

# କାରଗିଲରେ ବର୍ଷା

ମଞ୍ଜୁ ଦାସ

ଟପଟପ ଶୁଭେ ବର୍ଷାର ଭାଷା
ଧମଧମ ଶୁଭେ ଗୁଳିର ବର୍ଷା
କାରଗିଲ ଆଜି ପାଲଟି ଯାଇଛି
ସହୀଦର ସ୍ମୃତି ମନ୍ଦିର,
ଯେଉଁଠି ଥିଲା ସେ ରକ୍ତର ଗାର
ଧୋଇଦେଲା ସିନା ସ୍ରାବଣର ଧାର
ଧୋଇ ପାରିଲାନି ମନରୁ କାହାର
ଦମନ ସେଇ ଚିତ୍କାର।
ଚିକଚିକ୍ ସେ ଯେ ବରଫାବୃତ
କାରଗିଲ, ଦ୍ରାସ, ବାଟାଲିକ୍ କ୍ଷେତ୍ର
ଗୁଡୁମ ଗୁଡୁମ ଶବଦ ଶୁଭିଲା
ପ୍ରଥମ ସହୀଦ ଗୋପୀନାଥ
ଛଳଛଳ ଆଖି ଭାରତ ମାତାର
ଗୁମୁରି ଗୁମୁରି କ୍ରନ୍ଦନ ସ୍ୱର
ଢଳ ଢଳ ନେତ୍ରେ ଏ ଦେଶ ଦେଖିଲା
ରାଜକିଶୋରର ରକ୍ତପାତ
ଅମର ଶହୀଦ ମାନସ ରଞ୍ଜନ,
ରତନ କୁମାର, ଗଙ୍ଗାରାମ,
ପଦ୍ମପାଣି ଆଉ ଶ୍ରୀନିବାସ ପାତ୍ର
ଉତ୍କଳର ବୀର ସନ୍ତାନ,
ଝରଝରଝର ଝରିଗଲା ଲହୁ
ଶତ୍ରୁର କମାଣ ଗର୍ଜିଲା ବହୁ
ପଶ୍ଚାତ୍‌ପଦ ଯାତ୍ରୀ ନୁହନ୍ତି
ସଚ୍ଚିଦାନନ୍ଦ କି ନିରଞ୍ଜନ
ଆଞ୍ଜୁଳା ଆଞ୍ଜୁଳା ପୁଷ୍ପର ସୁରଭି
ସୁରଭିତ କରୁ ତୁମର ସେ ସ୍ମୃତି
ଧନ୍ୟ ଉତ୍କଳ ତୁମରି ପାଇଁକି
ଶ୍ରାବଣ କରୁଛି ଜୟଗାନ,
ଚକ୍ ମକ୍ ସ୍ୱର୍ଣ୍ଣ ବିଜୁଳି ଅକ୍ଷରେ
ଚଡ୍ ଚଡ୍ ବଜ୍ରପାତର ସ୍ୱରରେ
ବରଷା ଜଣାଏ ପ୍ରଣତି ତୁମକୁ
ଶହୀଦ ହେ ତୁମେ ମହୀୟାନ

❖❖❖

ଋଟରା, ଜଗତସିଂହପୁର,
୯୨୩୭୮୫୫୪୭୮

# ନାରୀ ଶକ୍ତି

**ସୁରେଶଚନ୍ଦ୍ର ରଥ**

କେତେବେଳେ ତୁ ସର୍ବସଂହା
କେତେବେଳେ ଅସହାୟା
କେତେବେଳେ ଜନନୀ, ଭଗିନୀ, ଜାୟା
ତୁ ହିଁ ମହାମାୟା, ତୁ ହିଁ ଯୋଗମାୟା ।୧।
ଧରାବକ୍ଷେ ବୀର ପ୍ରସବିନୀ ହୋଇଲୁ ତୁ ମା'
ବକ୍ଷୁ ନିଗାଡ଼ି ରୁଧିରକୁ,
ଅମୃତ ପରି ପିଆଇଲୁ ମା'
ସ୍ନେହ, ମମତାରେ, ବାନ୍ଧିଲୁ ପୁରୁଷ
ଏଥିରେ କି ମେ ିଯିବ
ତୋର ଅବଶୋଷ ? ।୨।
ଆଜି ନାରୀ, ନାରୀ ପାଇଁ ଅବହେଳିତା
ପୁରୁଷକୁ ସାଙ୍ଗ କରି ଲୋଭ, ମୋହ
ମାୟା ଦ୍ୱାରା କବଳିତା ।୩।
ହେ ଅଦ୍ୟାଶକ୍ତି, ଶକ୍ତି ସ୍ୱରୂପିଣୀ ନାରୀ
ଉଠାଅ, ଉଠାଅ ତୋର ଢ଼ାଲ ତରବାରୀ
ଦେଖାଅ ତୋ ପରାକ୍ରମ
ଦେଖାଅ ତୋ ଶକ୍ତି
ବଳବୀର୍ଯ୍ୟ ହୀନ
ଅପୌରୁଷେ ଦିଅ ତାରେ ମୁକ୍ତି ।୪।

❖❖❖

**ବିଶ୍ୱନାଥ କଲୋନୀ,**
**ଜଟଣୀ**

# ùRùR

**c-êaûkû \ûg**

Uò òeeòUò òeeòUòùA
ùRùR aiòQ«ò GùVAö

adi ùjfûYò hûVòG
aûk_ûPò^ûjó ùMûUòGö

Kêfû_eòGùWýQûZò
@UKûA ù\ùa jûZúö

Kûkò @Sûeeê CVò
Keòùa ùRûeùe_ûUòö

]Wý_WýKeòCVòaê
^òR_ûAUòKò iûeòaêö

aêfûaêfòKûciûeò
NeKê @ûiòaêù`eòö

i¬ ^AñMùf @ûiòùa
cSòùe @ûce aiòùaö

KûjûYúù WýòKêùLûfòùa
^û^ûRûZòM_Kjòùaö

ùRùR @ûcbûeò aXýò@û
hùXýA bòZùe ^Wýò@ûö

ùcfY_Wýò@û,
MêeêRwùLûe]û

❖❖❖

# ଶେଷ ଇଚ୍ଛା

**ସମରଜିତ୍ ପଟ୍ଟନାୟକ**

ବେଳ ତ ଗଲାଣି ଗଡ଼ି କେତେବେଳୁ
ସମୟର ଶବସବୁ କାନ୍ଧରେ ପକେଇ,
ଛାଇମାନେ ଲମ୍ବିଲେଣି
ଧିରେ ଧିରେ ଆକାଶ ଆଡ଼କୁ
ଅରଣ୍ୟର ସବୁଜିମା ବିପର୍ଯ୍ୟସ୍ତ କରି
ସାପମାନେ ଶୋଇଲେଣି କେତେ ବେଳୁ
ଜାକି ଜୁକି ବିବର ଭିତରେ,
ଶୂନ୍ୟକରି ଶାଖା ଓ ପ୍ରଶାଖା
ପକ୍ଷୀମାନେ ବାହୁଡି ଗଲେଣି,
ଆଉ ଏବେ ଡର କଣ ଭୟ ବା କାହାକୁ
ରହରେ କାଳିଆ ରହ ଆସୁଛି ମୁଁ
ତୋ ଗରୁଡ ଖମ୍ବକୁ ଅନେଇଁ
ବାଲିବୋଳା ପବନରେ
ଗୁଡ଼କଙ୍କ ଡେଣାରେ ପହଁରି,
କୁଢ଼ କୁଢ଼ ନିର୍ଜନତା ସାଥେନେଇ
ଅସୁମାରୀ ଅଂଧାର ରାତ୍ରିର,
ଆସୁଛି ରେ ଆସୁଛି ମୁଁ
ପହଂଚିବି ତୋ ପାଖରେ
ଦିନ ମୋର ନଇଁବା ଆଗରୁ ॥
ତେଣୁ ମୋ ଗୁହାରି ତୋତେ କାଳିଆରେ
ପାପୁଲି ନଥିବା ହାତ ଟେକିଥାଆ,
ଟେକି ଥା ମୋ ପାଇଁ,
ଆଉ ତ ଅଳପ ବାଟ,
ପହଁଞ୍ଚି ମୁଁ ଟେକିଦେବି
ବୋଝ ମୋର ତୋରି ହାତରେ,
ତା ପରେ ମୁଁ ଶୋଇଯିବି ନିଶ୍ଚିନ୍ତରେ
ପତାହୀନ ତୋ ଆଖିର
ଚକା ଚକା ଅନ୍ଧାର ଭିତରେ ॥
ତା ପରେ...........
ତା ପରେ ତୋ ସ୍ୱର୍ଗଦ୍ୱାର
ସେଠୁ ଆଉ କେତେ ବା ବାଟ ଯେ ?

❖❖❖

ମକୁନ୍ଦପ୍ରସାଦ, ଖୋର୍ଦ୍ଧା
ଦୂରଭାଷ : ୯୮୬୧୧୨୧୨୦୫